

ମୁଁ ମନୁଷ୍ୟ ପ୍ରକୃତିକୁ ସନ୍ଦେହ କରିବି ନାହିଁ। ଜଣକ ପ୍ରତି ସୁ ବ୍ୟବହାର କଲେ ଓ ବନ୍ଧୁ ଭାବାପନ୍ନ ହେଲେ ସେ ଅବଶ୍ୟ ତା'ର ଯଥାର୍ଥ ପ୍ରତିଦାନ ଦେବ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

### ଶ୍ରୀରାମ କନିଷ୍ଠ କଲେଜର ବାର୍ଷିକ କ୍ରୀଡ଼ା




କାଶୀନଗର, ୨୪।୧(ଡି.ଏନ.ଏ.): ଗଜପତି ଜିଲା କାଶୀନଗରସ୍ଥିତ ଶ୍ରୀରାମ କନିଷ୍ଠ ମହାବିଦ୍ୟାଳୟର ୨୧ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଘାଟିତ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ନୂତନ ଅଧକ୍ଷ ନବକୃଷ୍ଣ ସାହୁକାର କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ୧୦୦ ମିଟର ଦୌଡ, ଡିସକସ୍ ଥ୍ରୋ, ଜାଭେଲିଂ ଥ୍ରୋ, ଶଟପୁଟ ଆଦି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଥମେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ସ୍ୱର୍ଗତ ଅରୁଣ କୁମାର ପରିଚ୍ଛାଙ୍କ ସମ୍ମାନାର୍ଥେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ଅଧାପକ ସୁରେନ୍ଦ୍ର ନାଥ ରଥ, କୈଳାସ ଚନ୍ଦ୍ର ପ୍ରଧାନ, କଳ୍ପନା ବେହେରା, ଶ୍ରୀହରି ପଟ୍ଟନାୟକ, ରବୀନ୍ଦ୍ର ପଣ୍ଡାଙ୍କ ସମେତ ଅଧାପିକା ଅଧାପକ, କର୍ମଚାରୀମାନେ ଉପସ୍ଥିତ ଥିଲେ।

### କେନ୍ଦ୍ର ସରକାରଙ୍କ ବିରୋଧରେ ଦସ୍ତଖତ ଅଭିଯାନ

ବାଲିମେଳା,୨୪।୧(ଡି.ଏନ୍.ଏ.): କେନ୍ଦ୍ର ସରକାରଙ୍କ ଛାତ୍ରମାରଣ ନୀତି ବିରୋଧରେ ଗୁରୁବାର ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କୁ ଦିଆଯାଉଥିବା ଷ୍ଟାଇପେଣ୍ଡ ଟଙ୍କାର ୮୦ ପ୍ରତିଶତ କେନ୍ଦ୍ର ସରକାର ଓ ୨୦ ପ୍ରତିଶତ ଦେଉଥିଲେ। କିନ୍ତୁ ବର୍ତ୍ତମାନ ଏହି ନିୟମକୁ ପରିବର୍ତ୍ତନ କରାଯାଇଛି। ରାଜ୍ୟ ସରକାର ୯୦ ପ୍ରତିଶତ ଓ କେନ୍ଦ୍ର ୧୦ ପ୍ରତିଶତ ଦେବାକୁ ନୂଆ ନିୟମ ରହିଛି। କେନ୍ଦ୍ର ସରକାରଙ୍କର ଛାତ୍ରମାରଣ ନୀତି ବିରୋଧରେ ବିଜେଡି ପକ୍ଷରୁ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ବାଲିମେଳା ମହାବିଦ୍ୟାଳୟର ଛାତ୍ର ସଭାପତି ଶିବବ୍ରତ ବେହେରା, କୃଷ୍ଣଚନ୍ଦ୍ର ସେଠୀ, ଶ୍ୟାମସୁନ୍ଦର ନାଗ, ଚନ୍ଦନ ବାଘ, ଅସିମ୍ ଭତ୍ରା, ଘନ ବେହେରା,ଅବିନାଶ ବେହେରା, ମାମାଲି ସେଠୀ, ହରପ୍ରିୟା ମହାନ୍ତି, ସୁପ୍ରଭା ଡାକୁଆଙ୍କ ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ।



■ ମାଲକାନଗିରି କଲେଜ ସମ୍ମୁଖରେ ମୋ ଭବିଷ୍ୟତ ସୁରକ୍ଷା ସ୍ୱାକ୍ଷର ଅଭିଯାନ

# ବିଧାୟକଙ୍କୁ ଘେରିଲେ ଛାତ୍ରୀଛାତ୍ର

ମାଲକାନଗିରି, ୨୪।୧(ଡି.ଏନ୍.ଏ.)



ଛାତ୍ରୀଛାତ୍ରମାନେ ବିଧାୟକଙ୍କୁ ଘେରି ସମସ୍ୟା ଜଣାଉଛନ୍ତି।

■ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦେବାକୁ କହିଲେ ଛାତ୍ରୀଛାତ୍ର
■ କଲେଜରେ ସ୍ଥାୟୀ ଅଧକ୍ଷ, ଖେଳପଡିଆ, ବାର୍ଷିକ କ୍ରୀଡ଼ା କରିବା ଦାବି
■ ୨ଦିନରେ ଖେଳ ପଡିଆ କାମ ଆରମ୍ଭ ପ୍ରତିଶ୍ରୁତି ଦେଲେ ବିଧାୟକ

ମାଲକାନଗିରି ମହାବିଦ୍ୟାଳୟ ସମ୍ମୁଖରେ ଜିଲା ଛାତ୍ର ବିଜେଡି ପକ୍ଷରୁ ଗୁରୁବାର 'ମୋ ଭବିଷ୍ୟତ ସୁରକ୍ଷା' ସ୍ୱାକ୍ଷର ଅଭିଯାନ କରାଯାଇଥିଲା। ଏଥିରେ ମାଲକାନଗିରିର ବିଧାୟକ ମାନସ ମାଡ଼କାମି ସାମିଲ ହୋଇଥିଲେ। କଲେଜର ବିଭିନ୍ନ ସମସ୍ୟା ନେଇ ଛାତ୍ରୀଛାତ୍ର ତାଙ୍କୁ ଘେରାଉ କରିଥିଲେ। ବିଧାୟକ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେବାପରେ ଛାତ୍ରୀଛାତ୍ର ଧାରଣାରୁ ହଟିଥିଲେ।

ପ୍ରକାଶ ଯେ, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ମାଟ୍ରିକ ପରବର୍ତ୍ତୀ ବୃତ୍ତି ସମ୍ପୂର୍ଣ୍ଣ କେନ୍ଦ୍ରୀୟ ଯୋଜନା। କିନ୍ତୁ ପିଲାମାନଙ୍କୁ ଦିଆଯାଉଥିବା ବୃତ୍ତି ଅର୍ଥର ୯୦ ପ୍ରତିଶତ କେନ୍ଦ୍ର ଓ ୧୦ ପ୍ରତିଶତ ରାଜ୍ୟ ଅର୍ଥ ପ୍ରଦାନ କରୁଥିଲେ। କିନ୍ତୁ କେନ୍ଦ୍ର ସରକାର ଏହି ଅଂଶକୁ ଶତକଡ଼ା ୨୦ ଭାଗରୁ କମ୍ କରି ଦେଇଛନ୍ତି। ଏହି ପ୍ରତିବାଦରେ ଜିଲା ଛାତ୍ର ବିଜେଡି ପକ୍ଷରୁ କରାଯାଇଥିବା ସ୍ୱାକ୍ଷର ଅଭିଯାନରେ ମାଲକାନଗିରି ବିଧାୟକ ସାମିଲ ହୋଇଥିଲେ। ଛାତ୍ରୀଛାତ୍ରମାନେ କଲେଜରେ ରହିଥିବା ବିଭିନ୍ନ ସମସ୍ୟାକୁ ବିଧାୟକଙ୍କୁ ଅବଗତ କରାଇଥିଲେ। ମାଲକାନଗିରି ମହାବିଦ୍ୟାଳୟ ଜିଲାର ସର୍ବପୁରାତନ ମହାବିଦ୍ୟାଳୟ। ଏହାକୁ ସରକାରୀ ମାନ୍ୟତା ପାଇଁ ବାରମ୍ବାର ଦାବି କରାଯାଉଛି, କିନ୍ତୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଛାତ୍ରୀଛାତ୍ର କହିଥିଲେ। ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ବିଜେଡିର ସ୍ୱାକ୍ଷର ଅଭିଯାନସ୍ଥଳକୁ ଯାଇ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ଗତ କିଛି ମାସ ତଳେ ମୁଖ୍ୟମନ୍ତ୍ରୀ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦେବେ ବୋଲି କହି ଛାତ୍ରୀଛାତ୍ରଙ୍କୁ ଡାକି ନିଆଯାଇଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ମହାବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ କେବଳ ୧ କୋଟି ୫୦ ଲକ୍ଷ ଟଙ୍କାର ଘୋଷଣା କରିଥିଲେ। ଏହି ଅର୍ଥ ମଧ୍ୟ ଆଜି ପର୍ଯ୍ୟନ୍ତ ଆସି ନାହିଁ ବୋଲି ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଏଥିସହ ଲାଇବ୍ରେରୀ ପାଇଁ ଆସିଥିବା ୧୦ ଲକ୍ଷ ଟଙ୍କାରୁ କେବଳ ୩ ଲକ୍ଷ ଟଙ୍କାର ବହି କିଣାଯାଇଥିବା ସେମାନେ କହିଛନ୍ତି। କଲେଜରେ ଜଣେ ସ୍ଥାୟୀ ଅଧକ୍ଷ, ଖେଳ ପଡ଼ିଆ, ଶୌଚାଳୟ, ବାର୍ଷିକ କ୍ରୀଡ଼ା କରିବାକୁ ଦାବି ଜଣାଇଥିଲେ ଛାତ୍ରୀଛାତ୍ର। କଲେଜ ଫି' ହ୍ରାସ କରିବାକୁ ମଧ ଛାତ୍ରୀଛାତ୍ର ଦାବି କରିଥିଲେ। କେବଳ ସରକାରୀ ମାନ୍ୟତା ପାଇଲେ ହିଁ ମହାବିଦ୍ୟାଳୟର ଏହି ସମସ୍ତ ସମସ୍ୟା ଦୂର ହେବ ବୋଲି ଛାତ୍ରୀଛାତ୍ର ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ମାଲକାନଗିରି ମହାବିଦ୍ୟାଳୟ ପାଇଁ ବିଶେଷ ଦୃଷ୍ଟି ଦେଉଥିବା ବିଧାୟକ ଛାତ୍ରୀଛାତ୍ରଙ୍କୁ କହିଥିଲେ। ୨ ଦିନ ମଧ୍ୟରେ ଖେଳପଡ଼ିଆ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ପରେ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରି ଥିଲେ।

## ଶିଶୁକନ୍ୟାଙ୍କ ପାଇଁ ଶିକ୍ଷା ଜରୁରୀ




ସଚେତନତା ଶୋଭାଯାତ୍ରାକୁ ସବୁଜ ପତାକା ଦେଖାଇ ଅତିଥି ଉଦ୍‌ଘାଟନ କରୁଛନ୍ତି।

ପାରଳାଖେମୁଣ୍ଡି, ୨୪।୧(ସ୍ୱ.ପ୍ର.)

ଗଜପତି ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ ମଙ୍ଗଳ ସମିତି ଓ ଚାଇଲ୍ଡ ଲାଇନ ମିଳିତ ଆନୁକୂଲ୍ୟରେ ଗୁରୁବାର ପାରଳାଖେମୁଣ୍ଡିଠାରେ ଜାତୀୟ ଶିଶୁକନ୍ୟା ଦିବସ ପାଳନ କରାଯାଇଛି। ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ଶିଶୁକନ୍ୟାର ଯତ୍ନ, ସୁରକ୍ଷା ଓ ଅଧିକାର ସଂକ୍ରାନ୍ତ ପ୍ଲାକାର୍ଡ ଧରି ୩ଶହରୁ ଉର୍ଦ୍ଧ୍ୱ ସ୍କୁଲ ଛାତ୍ରୀ ସହର ପରିକ୍ରମା କରିଥିଲେ। ଜିଲା ଶିଶୁ କଲ୍ୟାଣ ସମିତି ଅଧକ୍ଷ ବିନୋଦ ଚନ୍ଦ୍ର ଜେନା ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଅପରାହ୍ନରେ ମହାରାଜା ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ସଚେତନତା ସଭା ହୋଇଥିଲା । ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ସଭାପତିତ୍ୱ କରି ୧୮ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁକନ୍ୟାଙ୍କ ପାଇଁ ରହିଥିବା ବିଭିନ୍ନ ଯୋଜନା ବିଷୟରେ ବୁଝାଇଥିଲେ। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁ ଯୋଗଦେଇ ଶିଶୁକନ୍ୟାମାନଙ୍କ ପାଇଁ ଶିକ୍ଷା ନିହାତି ଆବଶ୍ୟକ ବୋଲି କହିଥିଲେ। ସେମାନେ ଶିକ୍ଷିତ ହେଲେ ସମାଜରେ ସେମାନଙ୍କ ଅଧିକାର ଓ କର୍ତ୍ତବ୍ୟ ତଥା ସୁରକ୍ଷା ବିଷୟରେ ଜାଣିପାରିବେ ଏବଂ ନିଜ ହକ୍ ପାଇଁ ଲଢ଼ିପାରିବେ ବୋଲି କହିଥିଲେ। ଏହି ଅବସରରେ ଏକ ୫କେଜି ଓଜନର କେକ୍ କଟାଯାଇ ଉପସ୍ଥିତ ଶିଶୁକନ୍ୟାମାନଙ୍କୁ ବଣ୍ଟାଯିବା ସହ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଝିଅମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## କନ୍ୟାମାନେ ପରିବାର, ଦେଶର ଭବିଷ୍ୟତ



ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିମାନେ କଳାକାରଙ୍କୁ ପୁରସ୍କୃତ କରୁଛନ୍ତି।

ମାଲକାନଗିରି, ୨୪।୧(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା ସଦର ମହକୁମା ସଂସ୍କୃତି ଭବନ ପରିସରରେ ଶିଶୁ ସୁରକ୍ଷା ସଂସ୍ଥା ଅଧିକାରୀ ନାରାୟଣ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପିଡି ଡିଆର୍‌ଡିଏ ଲିଙ୍ଗରାଜ ପଣ୍ଡା, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ଅଶୋକ ପଟ୍ଟନାୟକ, ସମାଜିକ କର୍ମୀ ସେବୀ କୁମାରୀ ଜୟନ୍ତୀ ବୁରୁଦା, ଶିଶୁ ମଙ୍ଗଳ ସମିତି ପୂର୍ବତନ ଅଧକ୍ଷା ଯୋଗ ଦେଇଥିଲେ। ବିଭିନ୍ନ ସ୍କୁଲର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ସେମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିରେ ୩୦୦ରୁ ଉର୍ଦ୍ଧ୍ୱ ଶିଶୁ କନ୍ୟା ଏଥିରେ ସାମିଲ ହୋଇଥିଲେ। ସେହିପରି ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ରକ୍ତ ଭଣ୍ଡାର ସମ୍ମିଳନୀ କକ୍ଷରେ ସିଡିଏମ୍‌ଓ ଅଜିତ୍ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡାକ୍ତର ବୈଠାରୁଙ୍କ ସହ ଜିଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ମହିଳା ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ ଯୋଗ ଦେଇଥିଲେ। ଶିଶୁ କନ୍ୟାଙ୍କ ଯତ୍ନ ନେବା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଥିଲା। ସେହିପରି ମାଲକାନଗିରି ମହିଳା ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଦୁଷ୍ମନ୍ତ ଜେନାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସେହିପରି ଚଳାଣଗୁଡା କସ୍ତୁରିବା ଗାନ୍ଧି ବାଳିକା ବିଦ୍ୟାଳୟ, ସିନ୍ଧ୍ରିମାଲ କସ୍ତୁରିବା ଗାନ୍ଧି ବାଳିକା ବିଦ୍ୟାଳୟରେ ଏହି ଦିବସ ପାଳନ କରାଯାଇଛି। ଶିଶୁ କନ୍ୟା ହିଁ ପରିବାର ଓ ଦେଶର ଭବିଷ୍ୟତ ବୋଲି ସବୁଠି ଅତିଥିମାନେ ମତ ଦେଇଥିଲେ। କନ୍ୟାସନ୍ତାନଙ୍କୁ ଉପଯୁକ୍ତ ସ୍ନେହ ଶ୍ରଦ୍ଧା ସହ ଲାଳନପାଳନ କରି ଉପଯୁକ୍ତ ଶିକ୍ଷା ପ୍ରଦାନ କରିଲେ ସେମାନେ ପରିବାର ଓ ଦେଶର ନାଁ ରଖିବେ ବୋଲି ଅତିଥିମାନେ କହିଛନ୍ତି।

## ବିଏସ୍‌ଏଫ୍‌ର ଜନସମ୍ପର୍କ ଶିବିର

କାଲିମେଳା,୨୪।୧(ଡି.ଏନ.ଏ)

କାଲିମେଳା ବ୍ଲକ ବଡିଗେଟା ପଞ୍ଚାୟତ ଅଧୀନ ଟେକଗୁଡା କଲୋନୀ ଗ୍ରାମରେ ଗୁରୁବାର ୧୧୨ ବିଏନ ବିଏସ୍‌ଏଫ୍ ବାଟାଲିୟନ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ଟେକଗୁଡା କଲୋନୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମ୍‌ଭି-୭୯ ବିଏସ୍‌ଏଫ କ୍ୟାମ୍ପର ସେକେଣ୍ଡ କମାଣ୍ଡାଣ୍ଟ ଚନ୍ଦ୍ରଶେଖର ଏବଂ ବଡିଗେଟା ବିଏସ୍‌ଏଫ୍ କ୍ୟାମ୍ପର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରିଶି ମିଶ୍ରଙ୍କ ନେତୃତ୍ୱରେ ଯବାନମାନେ ଉପସ୍ଥିତ ରହି ଶିବିର ପରିଚାଳନା କରିଥିଲେ। ଇନ୍ସପେକ୍ଟର ଲେଖରାଜ ମୀନା ଉପସ୍ଥିତ ଥିଲେ। ମାଓବାଦୀ ପ୍ରବଣ ତଥା ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସହ ସମ୍ପର୍କ ସ୍ଥାପନ, ସେ ସବୁ ଅଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଓ ଆଦିବାସୀଙ୍କ ଶିକ୍ଷା ସ୍ୱାସ୍ଥ୍ୟର ବିକାଶ ପାଇଁ ଏହି ଜନ ସମ୍ପର୍କ ଶିବିର କରାଯାଉଛି। ଶିବିରରେ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ, ଖେଳ ସାମଗ୍ରୀ, ପୋଷାକ ବଣ୍ଟନ କରାଯାଇଥିଲା। ଏଥିସହ ଗ୍ରାମବାସୀଙ୍କୁ କୃଷି ସରଞ୍ଜାମ, ଚପଲ, କମ୍ବଳ,ମହିଳାଙ୍କୁ ଶାଢ଼ି,ରୋଷେଇ ସାମଗ୍ରୀ ସମେତ ଚାଷ ନିମନ୍ତେ ବିଭିନ୍ନ ପ୍ରକାର ମଞ୍ଜି ପ୍ରଦାନ କରାଯାଇଛି।

## ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ କାର୍ଯ୍ୟକ୍ରମ ଆରମ୍ଭ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ମାଲକାନଗିରି, ୨୪।୧(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ ଗୁରୁବାର ଷ୍ଟୁଡେଣ୍ଟ-ପୋଲିସ କ୍ୟାଡେଟ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏହାକୁ ମାଲକାନଗିରି ପିଡି ଡିଆରଡିଏ ଲିଙ୍ଗରାଜ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ଜଗମୋହନ ମୀନା, ଏସ୍‌ଡିପିଓ ସାରବଣ ବିବେକ ଏମ, ଜବାହର ନବୋଦୟ ବିଦ୍ୟାଳୟ-୧ର ଅଧକ୍ଷ ଟିଭି ଏସ୍ ପ୍ରକାଶ ରାଓ ଯୋଗଦେଇଥିଲେ। ପୋଲିସ ଓ ଲୋକଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସ୍ଥାପନ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତଇଥିମାନେ କହିଥିଲେ। ଏଥିସହ ଛାତ୍ରୀଛାତ୍ରଙ୍କୁ ପୋଲିସର କାର୍ଯ୍ୟ ଓ ଦକ୍ଷତା ଉପରେ ତାଲିମ ସହ ଡ୍ରିଲ , ପିଇଟି ଓ ପ୍ରାଥମିକ ଶିକ୍ଷା ପ୍ରଦାନ କରାଯିବ। ଏହି ଛାତ୍ରୀଛାତ୍ରମାନେ ସହରର ବିଭିନ୍ନ ସ୍ଥାନରେ ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟରେ ପୋଲିସକୁ ସହାୟତା କରିବେ। ଏହା ପ୍ରଥମେ କେରଳରେ ଆରମ୍ଭ ହୋଇଥିଲା। ସେଠାକାର ୫୦ ହଜାର ଛାତ୍ରୀଛାତ୍ର ବର୍ତ୍ତମାନ ସୁଦ୍ଧା ଏଥିରେ ସାମିଲ ହୋଇଛନ୍ତି। ସେଠାରେ ଏହି କାର୍ଯ୍ୟକ୍ରମ ବେଶ୍ ସଫଳ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏ ଅବସରରେ ଛାତ୍ରୀଛାତ୍ରଙ୍କୁ ଜୋତା, ପୋଷାକ ଅତିଥିଙ୍କ ଦ୍ୱାରା ବିତରଣ କରାଯାଇଛି। ଆଜି ଜବାହର ନବୋଦୟ ବିଦ୍ୟାଳୟ-୧ର ୪୪ଜଣ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯାଇଛି।

■ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

# 'ଜଳର ସୁପରିଚାଳନା ଦ୍ୱାରା ଚାଷରେ ବିକାଶ ହେବ'



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ପାରଳାଖେମୁଣ୍ଡି, ୨୪।୧(ସ୍ୱ.ପ୍ର.)

ଗଜପତି ଜିଲା କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁପାରଳାଖେମୁଣ୍ଡିଠାରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି ଏହି ଅବସରରେ ସଚେତନତା ସୃଷ୍ଟି ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ରଥ ବାହାରିଥିଲା। ଜିଲାପାଳ ଅନୁପମ ଶାହା ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ସେହିପରି ଜିଲାପରିଷଦ ସମ୍ମିଳନୀ ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ କୁମାର ରାଉତ ସଭାପତିତ୍ୱ କରିଥିଲେ। ବ୍ରହ୍ମପୁର ଉଠାଜଳସେଚନ ମଣ୍ଡଳ କାର୍ଯ୍ୟାଳୟର ଅଧୀକ୍ଷଣ ଯନ୍ତ୍ରୀ ବିଦ୍ୟାଭୂଷଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଣି ପଞ୍ଚାୟତ ମାଧମରେ ଜଳର ସୁପରିଚାଳନା କରାଯାଇ ଚାଷକାର୍ଯ୍ୟରେ ବିଶେଷ ବିକାଶ କରିହେବ ବୋଲି କହିଥିଲେ । ଜଳର ଅପଚୟ ଓ ଅପବ୍ୟବହାରକୁ ରୋକି ସହଭାଗୀ ଜଳସେଚନ ପରିଚାଳନାରେ ଚାଷକାର୍ଯ୍ୟ କିପରି ସଫଳ ହୋଇପାରିବ ତାହା ଉପସ୍ଥିତ ଚାଷୀମାନଙ୍କୁ ବୁଝାଇ ଦିଆଯାଇଥିଲା ପାଣି ପଞ୍ଚାୟତ, ଏହାର ଗଠନ ଓ ଆବଶ୍ୟକତା ଉପରେ ଆଲୋଚନା କରାଯାଇଥିଲା। ଆର୍.ଉଦୟଗିରି ବିଭାଗୀୟ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ପଣ୍ଡା, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ଭଗବାନ ସାହୁ, ଉଠା ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ଭାସ୍କର ଚନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବରୁ ଅନୁଷ୍ଠିତ ପାଣିପଞ୍ଚାୟତ ସଂକ୍ରାନ୍ତ ବକ୍ତୃତା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ବିଜ୍ଞାନ ପ୍ରଦର୍ଶନୀରେ ୪୦ ପ୍ରକଳ୍ପ

ପାରଳାଖେମୁଣ୍ଡି, ୨୪।୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଗଣପତିସାବତ ଫାଉଣ୍ଡେସନ୍ ଏବଂ ମହାବିଦ୍ୟାଳୟର ବିଜ୍ଞାନ ଓ ପରିବେଶ ବିଭାଗ ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଏଥିରେ ୪୦ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଜେ.ଏନ୍. ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ସୂଚନା ଦେଇଥିଲେ। ମୁଖ୍ୟ ଅତିଥି ଭାବେ ବି.ସି.ସାବତ ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କ ବୈଜ୍ଞାନିକ ଜ୍ଞାନକୌଶଳ ବିକାଶ ହେବା ସହ ସେମାନେ ନୂତନ ଉଦ୍‌ଭାବନ ପାଇଁ ଆକର୍ଷିତ ହୋଇ ପାରିବେ ବୋଲି କହିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ବିଜ୍ଞାନ ନିରୀକ୍ଷକ ସାମ୍ବିକ କୁମାର ପଟ୍ଟନାୟକ ଯୋଗଦେଇଥିଲେ। କଲେଜ ଅଧକ୍ଷ ଏସ୍.କେ. ମଲ୍ଲିକ, ପ୍ରାଧାପକ ମଳୟ ମିଶ୍ରଙ୍କ ସମେତ ବହୁ ଅଧାପିକା ଅଧାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।




ପ୍ରଦର୍ଶନୀରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

# ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟର ଶୁଭାରମ୍ଭ

ପାରଳାଖେମୁଣ୍ଡି, ୨୪।୧(ସ୍ୱ.ପ୍ର.)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଗଜପତି ଜିଲାରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟର ଶୁଭାରମ୍ଭ ହୋଇଛି। ବେତାଗୁଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଗୁରୁବାର ଏହାର ଶୁଭାରମ୍ଭ କରିଛନ୍ତି ଜିଲା ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଦାସ। ବିଦ୍ୟାଳୟର ଅଧକ୍ଷ ପି.କେ.ପଣ୍ଡାଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କମାଣ୍ଡାଣ୍ଟ ଏସ୍.ଏନ୍. ଜମାଦାର ଯୋଗଦେଇ ଷ୍ଟୁଡେଣ୍ଟ ପୋଲିସ୍ କ୍ୟାଡେଟ ଗଠନର ଉଦ୍ଦେଶ୍ୟ ଓ ଆବଶ୍ୟକତା ବିଷୟରେ ବୁଝାଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଦାସ କହିଥିଲେ ଯେ, ବିଭିନ୍ନ ବିଦ୍ୟାଳୟରେ ଯେଭଳି ଏନ୍‌ସିସି କ୍ୟାଡେଟ୍ ରହିଛନ୍ତି ଏଣିକି ସେଭଳି ଭାବେ ପୋଲିସ ଷ୍ଟୁଡେଣ୍ଟ କ୍ୟାଡେଟ ଟିମ୍ ଗଠନ କରାଯିବ। ଏନ୍‌ସିସି କ୍ୟାଡେଟଙ୍କ ଭଳି ଷ୍ଟୁଡେଣ୍ଟ ପୋଲିସ୍ କ୍ୟାଡେଟମାନେ ମଧ ବିଭିନ୍ନ ସାମାଜିକ ସଚେତନତା କାର୍ଯ୍ୟରେ ନିୟୋଜିତ ହେବେ। ସେମାନେ ଟ୍ରାଫିକ ନିୟନ୍ତ୍ରଣ କାର୍ଯ୍ୟରେ ନିୟୋଜିତ ହେବା ସହ ଟ୍ରାଫିକ ନିୟମ ବିଷୟରେ ସଚେତନତା ସୃଷ୍ଟି କରିବେ। ସେହିପରି ଯଦି କୌଣସି ସ୍ଥାନରେ କେହି ଶିଶୁ ନିର୍ଯାତନା ପାଉଥାଏ ତାହାଲେ ଏମାନେ ନିର୍ଯାତନାକାରୀଙ୍କୁ ସଚେତନ କରାଇବା ସହ ପୋଲିସ ସହିତ ସିଧାସଳଖ ଯୋଗସୂତ୍ର ରଖି କାର୍ଯ୍ୟ କରିବେ। ଦୈବ ଦୁର୍ବିପାକ ଓ ଯାନିଯାତ୍ରା ସମୟରେ ଲୋକଙ୍କୁ ସଚେତନ କରାଇ ସହାୟତା ଯୋଗାଇବେ। ଉକ୍ତ କାର୍ଯ୍ୟକ୍ରମରେ କମାଣ୍ଡାଣ୍ଟ କେ.କେ.ସୁବୁଦ୍ଧି, ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି ଥାନା ଅଧିକାରୀ ବାବୁଲି ନାୟକଙ୍କ ସମେତ ବହୁ ପୋଲିସ ଅଧିକାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏଲ୍‌ଆଇସି ଏଜେଣ୍ଟଙ୍କ ସମ୍ମିଳନୀ

ଗୁଣପୁର,୨୪।୧(ଡି.ଏନ.ଏ): ଗୁଣପୁର ଠାରେ ଗୁରୁବାର ରାୟଗଡା ଜିଲାସ୍ତରୀୟ ଏଲଆଇସି ଏଜେଣ୍ଟମାନଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସେମାନଙ୍କର ରହିଥିବା ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା । ସଂଗଠନକୁ କିପରି ସୁଦୃଢ କରାଯିବ ଏବଂ ଏଜେଣ୍ଟମାନଙ୍କ ଦାୟିତ୍ୱ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ଅବସରରେ ପୂର୍ବ କେନ୍ଦ୍ରୀୟ ଯୋନର ସମ୍ପାଦକ ଶୁଭେନ୍ଦୁ କୁମାର ପଟ୍ଟନାୟକ, ବ୍ରହ୍ମପୁରମଣ୍ଡଳ ସଭାପତି ଅକ୍ଷୟ କୁମାର ପାଣିଗ୍ରାହୀ, ଅଖିଳ ଭାରତୀୟ ଅଧ୍ୟକ୍ଷ ସୁଶାନ୍ତ କୁମାର ଦେଓ, ରାୟଗଡା ଶାଖା ସଭାପତି ନନ୍ଦିକେଶ୍ୱର ଚୌଧୁରୀ, ସମ୍ପାଦକ କେ.ଟି.ନାଇଡୁ, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ରାଉତ, ଉପଦେଷ୍ଟା ପ୍ରସନ୍ନ ନାୟକ ଯୋଗ ଦେଇଥିଲେ । ଯଶବନ୍ତ ଚୌଧୁରୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ ।

### ପୂର୍ବତନ ଛାତ୍ରୀଛାତ୍ରଙ୍କ ବୈଠକ

କାଶୀପୁର,୨୪।୧(ଡ଼ି.ଏନ.ଏ): ରାୟଗଡା ଜିଲା କାଶୀପୁର ବ୍ଲକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପୂର୍ବତନ ଛାତ୍ରୀଛାତ୍ରଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ସତ୍ୟନାରାୟଣ ସାହୁ ଅଧକ୍ଷତା କରିଥିଲେ। ଏହାକୁ ପୂର୍ବତନ ଛାତ୍ରଛାତ୍ରୀ ସଂସଦ ଦାୟିତ୍ୱରେ ଥିବା ଗୁରୁଜୀ ରାଜେଶ୍ୱର ସାହୁ, ପୂର୍ବତନ ଛାତ୍ରୀଛାତ୍ର ସମ୍ପାଦକ ସୁକାନ୍ତୀ ଗୌଡ ପରିଚାଳନା କରିଥିଲେ। ୨୦୨୦ ମସିହାରେ ବିଦ୍ୟାଳୟର ୨୫ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ହେବାକୁ ଥିବା ରୌପ୍ୟଜୟନ୍ତୀ ନେଇ ଆଲୋଚନା ହୋଇଥିଲା । ଏଥିସହ ବିଦ୍ୟାଳୟର ସମସ୍ୟା, ଛାତ୍ରଛାତ୍ରୀ କିପରି ଶିକ୍ଷା,ସଂସ୍କାର ଶିଖି ବିଦ୍ୟାଳୟର ନାମ ରଖିବେ ସେନେଇ ଆଲୋଚନା ହୋଇଥିଲା। ଏହି ବୈଠକରେ ପୂର୍ବତନ ଛାତ୍ରୀଛାତ୍ର ଚନ୍ଦନ ଦାସ,ରଜତ ଜୈନ୍ୟ, ସୈଜ୍ୟାତି ଦେଓ, ଗୌତମ ଜୈନ, ସରୋଜ ଗୈଡ,ରଞ୍ଜିତ କୁମାର ମହାପାତ୍ରଙ୍କ ସମେତ ବିଦ୍ୟାଳୟର ଗୁରୁଜୀଗୁରୁମା ଉପସ୍ଥିତ ଥିଲେ ।

### ନିର୍ମାଣ ଶ୍ରମିକ ସେବା ଶିବିର

କାଶୀପୁର,୨୪।୧(ଡ଼ି.ଏନ.ଏ): ରାୟଗଡା ଜିଲା କାଶୀପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ରାୟଗଡା ଜିଲା ପ୍ରଶାସନ ଓ ଶ୍ରମ ବିଭାଗ ପକ୍ଷରୁ ନିର୍ମାଣ ଶ୍ରମିକ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମ୍ରିତ ଋତୁରାଜ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ଜିଲା ଶ୍ରମ ଅଫିସର ପ୍ରଦୀପ କୁମାର ଭୋଇ,କାଶୀପୁର ଏବିଡିଓ ବଳରାମ ପାତ୍ର, ଟୁଟୁ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ମୃତ ନିର୍ମାଣ ଶ୍ରମିକଙ୍କ ପରିବାରକୁ ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା ଲେଖାଏଁ ୫ଟି ପରିବାରକୁ ଚେକ ପ୍ରଦାନ କରାଯାଇଥିଲା। ମାତୃକାଳୀନ ସହାୟତା ଦଶ ହଜାର ଟଙ୍କା ଲେଖାଏଁ ୩ ଜଣଙ୍କୁ, ୨ ଜଣଙ୍କୁ ବିବାହ ନିମନ୍ତେ ୨୫ ହଜାର ଲେଖାଏଁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରମିକ ଯୋଗଦେଇ ନାମ ପଞ୍ଜୀକରଣ କରିଥିଲେ।

### ଭଲିବଲ ଟୁର୍ନାମେଣ୍ଟ
### ଦୁର୍ଗୀ ଏମସିସି ଟିମ୍ ବିଜୟୀ



ରାୟଗଡ଼ା ଅଫିସ,୨୪।୧- ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀ ଏମସିସି ଗ୍ରାଉଣ୍ଡରେ ଏମସିସି କ୍ଲବ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ଭଲିବଲ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚ ପଦାବାଇ ଓ ଦୁର୍ଗୀ ଏମସିସି ଟିମ୍ ମଧ୍ୟରେ ହୋଇଥିଲା । ଏଥିରେ ଦୁର୍ଗୀ ଏମସିସି ଟିମ୍ ପଦାବାଇ ଟିମ୍‌କୁ ୪୧-୨୨ ପଏଣ୍ଟରେ ପରାସ୍ତ କରି ବିଜୟୀ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଧାୟକ ଜଗନ୍ନାଥ ସାରକା, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ସୁଧୀର ଦାଶ ମୁଖ୍ୟଅତିଥି, ବ୍ଲକ ଚେୟାରମ୍ୟାନ ବିଜୟଶାନ୍ତି କୁମୁରୁକା ସମ୍ମାନିତ ଅତିଥି, ରମେଶ ପାଲକା, ନାଏବ ସରପଞ୍ଚ ବାସୁ ପ୍ରାସ୍କା, ଦୁର୍ଗୀ ପିଇଓ ପ୍ରମୋଦ ମିଶ୍ର, ଗଗନ ଆଚାର୍ଯ୍ୟ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ବିଜୟୀ ଦଳକୁ ଅତିଥିମାନେ ପୁରସ୍କୃତ କରିଥିଲେ ।

# ସ୍ଥାୟୀ ପଟ୍ଟା ପ୍ରଦାନ ନେଇ ଶୋଭାଯାତ୍ରା

ଗୁଣପୁର,୨୪।୧(ଡି.ଏନ.ଏ)

ସ୍ଥାୟୀ ଜମି ପଟ୍ଟା ପ୍ରଦାନ ନେଇ ରାୟଗଡା ଜିଲା ଗୁଣପୁର ସହର ପୁରୁଣାବସ୍ତି ଅଞ୍ଚଳରେ ରହୁଥିବା ଗ୍ରାମବାସୀ ପକ୍ଷରୁ ଗୁରୁବାର ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଆସିଷ୍ଟାଣ୍ଟ କଲେକ୍ଟର ରୀନା ପ୍ରଧାନଙ୍କୁ ପ୍ରଦାନ କରିଥିଲେ । ପଟ୍ଟାରେ ଉଲ୍ଲେଖ ଥିବା ହସ୍ତାନ୍ତର ଯୋଗ୍ୟ ନୁହେଁକୁ ବାଦ ଦେବାକୁ ଦାବି କରିଥିଲେ । ଏହି ସମୟରେ ଇନ୍ଦ୍ରାକ୍ଷୀ ଦାସ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ବିଜୟ ଗମାଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

୧୯୮୦ରେ କଟୁରୁ, ନୂଆଗାଁ, ବିକ୍ରମପୁର, କାମ୍ପଗୁଡା, ବେବର୍ତ୍ତା ଢେପ, ପୁରୁଣା ଗୁଣପୁର ଆଦି ମୌଜାରେ ପ୍ରଳୟଙ୍କାରୀ ବନ୍ୟା ହୋଇଥିଲା । ପରେ ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଘରଡିହ ପଟ୍ଟାଗୁଡିକରେ ଏହା ହସ୍ତାନ୍ତର ଯୋଗ୍ୟ ନୁହେଁ ବୋଲି ଲେଖାଯାଇଥିଲା । ଫଳରେ ଖାତାଦାରଙ୍କ ନାମ ପରିବର୍ତ୍ତନ ହୋଇପାରୁ ନ ଥିଲା । ଏପରିକି ୨୦୧୪ ରୁ ଘର ଡିହ କ୍ରୟବିକ୍ରୟ ମଧ୍ୟ ବନ୍ଦ ହୋଇଯାଇଥିଲା । ଫଳରେ ଲୋକମାନେ ନିଜର ଆବଶ୍ୟକ ସମୟରେ ଭୂସମ୍ପତ୍ତିଗୁଡିକୁ କ୍ରୟବିକ୍ରୟ କରିପାରୁନାହାନ୍ତି । ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏନେଇ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।



ଜନସାଧାରଣଙ୍କ ପକ୍ଷରୁ ବାହାରି ଥିବା ଶୋଭାଯାତ୍ରା ।

# ଜବରଦଖଲକାରୀଙ୍କୁ ହଟାଇଲା ପ୍ରଶାସନ

ଟିକିରି,୨୪।୧(ଡ଼ି.ଏନ.ଏ)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରି ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ୧ ଏକର ସରକାରୀ ଜମିରୁ ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କୁ ହଟାଯାଇଛି । ଏଥିସହ ପ୍ରଶାସନ ପକ୍ଷରୁ ଏହି ସ୍ଥାନରେ ତାରବାଡ଼ ଘେରାଇବା କାର୍ଯ୍ୟ ଆରମ୍ଭ ହୋଇଛି । ସ୍ଥାନୀୟ ଜଡ଼ାଗୁଡ଼ା ଗ୍ରାମର କିଛି ଆଦିବାସୀ ଉକ୍ତ ଜମିରେ ଥିବା ଆମ୍ବ ଗଛକୁ କାଟି ଚାଷ କରି ଆସୁଥିଲେ । ପଞ୍ଚାୟତ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉ ନ ଥିବାରୁ ଜବରଦଖଲକାରୀମାନେ ନିଜ ନାମରେ ପଟ୍ଟା କରିବାକୁ ଉଦ୍ୟମ କରିଥିଲେ । କିନ୍ତୁ ସଫଳ ହୋଇ ନ ଥିଲେ । ବର୍ତ୍ତମାନ ପ୍ରଶାସନ ଏହି ଜମିକୁ ନିଜ ହାତକୁ ନେବା ସହ ଜମି ଚାରିପଟେ ତାରବାଡ଼ ଘେରାଇଛି । ଏହି ଜମିରେ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ କରିବା ନେଇ ଯୋଜନା ରହିଥିବା ଜଣାଯାଇଛି । ସାମୂହିକ ସ୍ୱାର୍ଥ ଦୃଷ୍ଟିରୁ ଜବରଦଖଲକାରୀମାନେ ସରକାରୀ ଜମିକୁ ଛାଡ଼ି ଦେଇଥିବା ପାଇଲ ମାଝି, ଜାଗରୀ ମାଝି ପ୍ରମୁଖ ପ୍ରକାଶ କରିଛନ୍ତି । ଉକ୍ତ ଗରିବ ଲୋକଙ୍କୁ ଥଇଥାନ କରିବା ନେଇ ଦାବି ହୋଇଛି ।



ପ୍ରଶାସନ ପକ୍ଷରୁ ତାରବାଡ଼ ଘେରା ଯାଉଛି ।

# ସାମାଜିକ କୁସଂସ୍କାର ନେଇ ସଚେତନତା

ମୁନିଗୁଡ଼ା,୨୪।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲାର ମୁନିଗୁଡା ବ୍ଲକ ଅନ୍ତର୍ଗତ ଶରଧାପୁର ପଞ୍ଚାୟତ ଟିକରପଡା ଗ୍ରାମରେ ଗୁରୁବାର ସାମାଜିକ କୁସଂସ୍କାର ଦୂର ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ସଂଯୋଜକ ପୁରନ୍ଦର ବନ୍ଧଙ୍କ ସଂଯୋଜନାରେ ଆୟୋଜିତ ଶିବିରରେ କଲରାଶୁଣୀ ଜଳଛାୟା ଅଞ୍ଚଳର ଟିକରପଡା, ଲଙ୍ଗଲବେଡା ଏବଂ କୁଜିଙ୍ଗ ଗ୍ରାମର ୪୫ ଜଣ ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ । ସମ୍ବଳ ବ୍ୟକ୍ତି ଭାବେ ସାମାଜିକ କର୍ମୀ ଗୌରାଙ୍ଗଚରଣ ରାଉତ, ବିଜୟ କୁମାର ବାବୁ ଯୋଗ ଦେଇ ସାମାଜିକ କୁସଂସ୍କାର, ବଦ୍ଧମୂଳ ଧାରଣା, ଅବୈଜ୍ଞାନିକ ଚିନ୍ତାଧାରା ଯୋଗୁ ସାମାଜିକ ବୈଷମ୍ୟ, ଅସଂଗତି ଅସାମ୍ୟ ବୃଦ୍ଧି ପାଉଥିବା ପ୍ରକାଶ କରିଥିଲେ । ଶିକ୍ଷା, ସଚେତନତା ଏବଂ ସଂଗଠନ ମାଧ୍ୟମରେ ପରିବାର, ଗ୍ରାମ ଓ ଆଞ୍ଚଳିକ ସ୍ତରରେ ମଣିଷ ଭିତରେ ଥିବା କୁସଂସ୍କାର, ଭ୍ରମଧାରଣା ଦୂରୀକରଣ ପାଇଁ ଅଂଶ ଗ୍ରହଣକାରୀଙ୍କୁ ଅବଗତ କରାଯାଇଥିଲା । ଏହି ଅବସରରେ ଥୁଆପାଡି ଗ୍ରାମରେ ଜୈବିକ ଖତ ପ୍ରସ୍ତୁତି ସମ୍ପର୍କରେ ବୁଢ଼ାଭୈରବୀ ଦଳ ଛାୟାର ହିତାଧିକାରୀଙ୍କୁ ଉଦ୍ୟାନ ବିଭାଗର ରଘୁନାଥ ସ୍ୱାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ କଳିଙ୍ଗ କେଶରୀ ସାମନ୍ତରାୟ କୀର୍ତ୍ତନ ସାହୁ, ଦେବ ଜାହାଡି, ଅରକ୍ଷିତ ବୋଡିଶା, କେଦାରନାଥ ପଡିଆରୀ ସହାୟତା କରିଥିଲେ ।



ଗ୍ରାମବାସୀଙ୍କୁ ସଚେତନ କରାଯାଉଛି ।

# ଅଗ୍ନିକାଣ୍ଡରେ ୮ ବଖରା ଭସ୍ମୀଭୂତ

ଗୁଣପୁର,୨୪।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଚିନ୍ତାଲୁଗୁଡା ଗ୍ରାମରେ ଅଗ୍ନିକାଣ୍ଡ ଘଟି ୨ ପରିବାରର ୮ ବଖରା ଭସ୍ମୀଭୂତ ହୋଇଯାଇଛି । ବୁଧବାର ବିଳମ୍ବିତ ରାତିରେ ଏହି ଅଗ୍ନିକାଣ୍ଡ ଘଟିଥିଲା । ଅଗ୍ନିକାଣ୍ଡର କାରଣ ଜଣାପଡି ନ ଥିବାବେଳେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଗୁରୁବାର ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗ,ରାଜସ୍ୱ ନୀରିକ୍ଷକ ପ୍ରମୁଖ ଗ୍ରାମରେ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ଭେଟି ସାନ୍ତ୍ୱନା ଜଣାଇବାସହ ସମସ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି କହିଥିଲେ । ଜଗନ୍ନାଥପୁର ସରପଞ୍ଚ ଗୌରୀ ଗମାଙ୍ଗ ଏବଂ ରାଜସ୍ୱ ବିଭାଗ ଅଧିକାରୀମାନେ କ୍ଷତିଗ୍ରସ୍ତଙ୍କୁ ଭେଟି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଥିଲେ ।

# ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ମୁନିଗୁଡା, ୨୪।୧(ଡି.ଏନ୍.ଏ)

ମୁନିଗୁଡା ମହାବିଦ୍ୟାଳୟ ପରିସରରେ ଯୁକ୍ତଦୁଇ ଶ୍ରେଣୀର ୧୨୬ ଜଣ ଛାତ୍ରୀଙ୍କୁ ନେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରକୁ କଲେଜର କ୍ରୀଡା ଶିକ୍ଷକ ଚତୁର୍ଭୁଜ ବନଛର ପରିଚାଳନା କରିଥିଲେ । ଯୁକ୍ତଦୁଇ ଅଧକ୍ଷ ଡା. ଦେବାନନ୍ଦ ମିଶ୍ର ଶିବିରକୁ ଉଦ୍‌ଘାଟନ କରି ନାରୀ ସଶକ୍ତୀକରଣ ଉପରେ ଉଦ୍‌ବୋଧନ ଦେଇଥିଲେ । ଏହି ଶିବିରରେ କଲେଜ ଅଧାପକ ଦେବବ୍ରତ ରାଜଗୁରୁ, କଲ୍ୟାଣୀ ପାଢ଼ୀ, ନିବେଦିତା ନାୟକ, ମାଷ୍ଟର ଟ୍ରେନର ଦାମିନୀ କୁଶୁଲିଆ, ନିତୁ ନାଉରୀ ଓ ଚାନ୍ଦିନୀ ପାତ୍ର ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଶିବିର ଦୀର୍ଘ ୧୨ ଦିନ ଧରି ଚାଲିବ । ଶେଷରେ ଦେବବ୍ରତ ରାଜଗୁରୁ ଧନ୍ୟବାଦ ଦେଇଥିଲେ ।




ଶିବିରରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଜିଲାସ୍ତରୀୟ ନିଯୁକ୍ତି ମେଳା

ରାୟଗଡା ଅଫିସ୍, ୨୪।୧

ରାୟଗଡାସ୍ଥିତ ଜିସିଡି ଖେଳ ପଡିଆଠାରେ ଗୁରୁବାର ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଗୁହା ପୁନମ ତାପସ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ଯୁବପିଢ଼ି ପାଠପଢ଼ି ଚାକିରି ସନ୍ଧାନରେ ରହୁଛନ୍ତି । ଆଉ ଏହି ନିଯୁକ୍ତି ମେଳା ସେମାନଙ୍କ ପାଇଁ ସହାୟକ ହେବ । ସେହିଭଳି ଗତ ଦିନରେ ଯେଉଁମାନେ ନିଯୁକ୍ତି ମେଳା ମାଧ୍ୟମରେ ଚାକିରି ପାଇଛନ୍ତି ସେମାନେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିବେ । ଅନେକ ଯୁବତୀଯୁବକ ନିଜ ଜିଲା ଓ ରାଜ୍ୟରେ ଚାକିରି କରିବାକୁ ସର୍ବଦା ଆଗ୍ରହ ପ୍ରକାଶ କରୁଛନ୍ତି । ସେମାନେ ଅନ୍ୟ ରାଜ୍ୟରେ ଦକ୍ଷତା ପ୍ରତିପାଦିତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ । ଜିଲା ନିୟୋଜନ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଟେଟେଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ଅଯୋଧ୍ୟାକାନ୍ତ ଶତପଥୀ, ଓରମାସର ସହକାରୀ ନିର୍ଦ୍ଦେଶକ ମନୋଜ କୁମାର ପାତ୍ର, ସରକାରୀ ଆଇଟିଆଇର ଅଧକ୍ଷ ଅତୁଲ୍ୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ନିଯୁକ୍ତି ସମ୍ପର୍କରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ମେଳାରେ ମୋଟ ୩୫ଟି ସଂସ୍ଥା ଭାଗ ନେଇଥିଲେ । ଏଥିରେ ଜିଲାର ୧୧ଟି ବ୍ଲକ୍‌ର ୨୬୫୩ ଜଣ ନାମ ପଞ୍ଜୀକରଣ କରିଥିଲେ । ସେଥିମଧ୍ୟରୁ ୮୪୪ ଜଣଙ୍କୁ ସିଧାସଳଖ ନିଯୁକ୍ତି ପ୍ରଦାନ କରାଯାଇଛି । ବଳକା ୧୨୭୬ ଜଣଙ୍କୁ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ ନିମନ୍ତେ ଚୟନ କରାଯାଇଛି । ପୂର୍ବରୁ ନିଯୁକ୍ତି ମେଳା ମାଧ୍ୟମରେ ଚାକିରି ପାଇଥିବା କଲ୍ୟାଣସିଂହପୁର ବ୍ଲକ୍ ଭାଲୁମାସ୍କାର ଦିବ୍ୟାଙ୍ଗ ଯୁବକ ଜଗାରାଓ ହିମିରିକା ଓ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟିର ଯୁବତୀ ପୁଷ୍ପାଞ୍ଜଳି ସୁନା ନିଜେ କିଭଳି ଚାକିରି ପାଇ ଆତ୍ମନିର୍ଭରଶୀଳ ହୋଇ ରୋଜଗାର କରିବାର ସୁବିଧା ପାଇଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମକୁ ନିୟୋଜନ ବିଭାଗର ଅଧିକାରୀ ରାଜେନ୍ଦ୍ର ଗୌଡ ପରିଚାଳନା କରିଥିଲେ ।

# ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ ଯୋଜନାର ଉଦ୍‌ଘାଟନ

କାଶୀପୁର,୨୪।୧(ଡ଼ି.ଏନ.ଏ)

ରାୟଗଡା ଜିଲା କାଶୀପୁର ବ୍ଲକ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପୋଲିସ ବିଭାଗ ତରଫରୁ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ ଯୋଜନା ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାୟଗଡା ଏସପି ରାହୁଲ ପିଆର ଯୋଗଦେଇଥିବା ବେଳେ ରାୟଗଡା ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅମିତ ଋତୁରାଜ, ଏସଡିପିଓ ରାଜକିଶୋର ଦାସ, କାଶୀପୁର ଆଇଆଇସି ଦୁର୍ଗାମାଧବ ପ୍ରଧାନ, ଅଣ୍ଡିରାକଞ୍ଚ ଆଇଆଇସି ଦୀନବନ୍ଧୁ ଶବର,ଦୋରାଗୁଡା ଆଇଆଇସି ଗୌରହରି ସାହୁ, ଟିକିରି ଆଇଆଇସି ସୁଜ୍ଞାନୀ ସାହୁ, କାଶୀପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗଦିସ ସିଂ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏହାକୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୁଳମଣି ବଳିଆର ସିଂ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଜିତେନ୍ଦ୍ର ବୈଦ୍ୟ ଧନ୍ୟବାଦ ଦେଇଥିଲେ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଜିଲାସ୍ତରୀୟ ଯୁବ ସଂସଦ ଉତ୍ସବ

ରାୟଗଡା ଅଫିସ୍, ୨୪।୧

ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଜିଲାସ୍ତରୀୟ ଯୁବ ସଂସଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ରାୟଗଡା ଏବଂ ଗଜପତି ଜିଲାରୁ ୩୯ଜଣ ଭାଗ ନେଇଥିଲେ । ବିଚାରକ ମଣ୍ଡଳୀ ଭାବେ ଶିକ୍ଷାବିତ ଡା. ନିରଞ୍ଜନ ବକ୍ସିପାତ୍ର, ସାମାଜିକ କର୍ମୀ ଜୟରାମ ଜେନା, ବରିଷ୍ଠ ଖବରଦାତା ନିତ୍ୟାନନ୍ଦ ପାଢ଼ୀ, ଏନ୍‌ସିସି ଅଫିସ୍‌ର ଗିରିଜା ପ୍ରସାଦ ତ୍ରିପାଠୀ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ । କଲେଜ ଅଧକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀଙ୍କ ପୌରୋହିତ୍ୟରେ ନୋଡାଲ ଅଫିସ୍‌ର ଅରୁଣ କୁମାର ଖାଡଙ୍ଗା ଏବଂ ଡୁବଲ ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପ୍ରଦୀପ ସାମନ୍ତରାୟ ଏବଂ ଉଦୟ ନାୟକ ସହଯୋଗ କରିଥିଲେ । ପ୍ରଥମ ୫ଜଣ ମନୋନୀତ ହୋଇଥିବା ଯୁବତୀଯୁବକମାନେ ହେଲେ ସଚିନ କୁମାର ବେହେରା, ନିବେଦିତା କର, ଦୀପ୍ତିମୟୀ ନାଲା, ଅଜୟ କୁମାର ପାଣିଗ୍ରାହୀ, ତନଶ୍ରୀ ଅଗ୍ରୱାଲ । ଏଥିରୁ ପ୍ରଥମ ୩ଜଣ ରାଜ୍ୟସ୍ତରୀୟ ଯୁବ ସଂସଦ ଉତ୍ସବରେ ଯୋଗଦେବା ପାଇଁ ମନୋନୀତ ହୋଇଛନ୍ତି ।

# ଜିଆଇଇଟିରେ କର୍ମଶାଳା

ଗୁଣପୁର,୨୪।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଜିଆଇଇଟି ବିଶ୍ୱବିଦ୍ୟାଳୟଠାରେ ବୁଧବାର ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜୈବ ପ୍ରଯୁକ୍ତି ଓ ରାସାୟନିକ ଇଞ୍ଜିନିୟର ବିଭାଗ ପକ୍ଷରୁ ମିଳିତ ଆନୁକୂଲ୍ୟରେ ଏକ ଦିନିକିଆ କର୍ମଶାଳାରେ ଗୁଜରାଟ ସରକାରଙ୍କ ଜୈବ ପ୍ରଯୁକ୍ତି ବିଭାଗର ଯୁଗ୍ମ ଶଚିବ ଡ.ଜୟ ଶଙ୍କର ଦାସ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉନ୍ନତମାନର ଗବେଷଣା କରିବା ପାଇଁ ପରାମର୍ଶ ଦେଇଥିଲେ । ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଡ.କେ.ସେନ୍ଥିଲ କୁମାର ଜୈବ ପ୍ରଯୁକ୍ତି ବିଦ୍ୟାକୁ ଚିକିତ୍ସା ବିଜ୍ଞାନରେ ପ୍ରୟୋଗ କରି ସହଜ ଉପାୟରେ ରୋଗ ନିରୂପଣ ଓ ନିଦାନ କରାଯାଇ ପାରିବ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ.ତାରିଣୀଚରଣ ବେହେରା ପ୍ରଯୁକ୍ତି ବିଦ୍ୟା ଆଧୁନିକ ସମାଜକୁ ବରଦାନ ସଦୃଶ ବୋଲି କହିଥିଲେ । ରାସାୟନିକ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ପ୍ରଫେସର ରାଧାକୃଷ୍ଣ ପାଢୀ କାର୍ଯ୍ୟକ୍ରମର ଆବଶ୍ୟକତା ଉପରେ କହିଥିଲେ । ଜୈବ ପ୍ରଯୁକ୍ତି ବିଭାଗ ମୁଖ୍ୟ ଡ.ମନୋଜ ଦାସ ସ୍ୱାଗତ ଭାଷଣ ଦେଇଥିବାବେଳେ ଛାତ୍ରୀ ଦିଲିପ୍ତା ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

# ୨ ବର୍ଷ ହେଲା ଅନ୍ଧାରରେ ମାଳାମ୍ବ ଗ୍ରାମବାସୀ

ଟିକିରି,୨୪।୧(ଡ଼ି.ଏନ.ଏ)

ରାୟଗଡ଼ା ଜିଲା କାଶୀପୁର ବ୍ଲକ କୁଚେଇପଦର ପଞ୍ଚାୟତ ମାଳାମ୍ବ ଗ୍ରାମବାସୀ ଦିନେ କି ଦୁଇ ଦିନ ନୁହେଁ ଦୀର୍ଘ ୨ ବର୍ଷ ହେଲା ଅନ୍ଧାରରେ ରହିଛନ୍ତି । ଗ୍ରାମରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବାରୁ ଏପରି ସମସ୍ୟା ଉପୁଜୁଛି। ଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି । ଏନେଇ ବାରମ୍ବାର ଜଣାଇଲେ ମଧ୍ୟ ବିଭାଗୀୟ ଅଧିକାରୀ ଗୁରୁତ୍ୱ ଦେଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି ।

ମାଳାମ୍ବ ଗ୍ରାମବାସୀଙ୍କୁ ଦୀର୍ଘ ବର୍ଷ ହେଲା ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି । ୨ ବର୍ଷ ତଳେ ହଠାତ୍ ବିଦ୍ୟୁତ୍ ଟ୍ରାନ୍ସଫରମର ପୋଡ଼ି ଯାଇଥିଲା । ଏନେଇ ଗ୍ରାମବାସୀ ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ । ଏପରି କି ଟ୍ରାନ୍ସଫର୍ମର ମରାମତି ନେଇ ୧୦୦ ପରିବାର ୧୧ ହଜାର ଟଙ୍କା ଆଦାୟ କରି ବିଦ୍ୟୁତ୍ ବିଭାଗୀୟ ଅଧିକାରୀଙ୍କୁ ଦେଇଥିଲେ । ସେହିପରି ଟ୍ରାନ୍ସଫର୍ମର ନେବା ଆଣିବା ପାଇଁ ଗାଡ଼ି ଭଡ଼ା ମଧ୍ୟ ଦେଇଥିଲେ । ପରେ ଟ୍ରାନ୍ସଫର୍ମର ମରାମତି କରାଯାଇଥିଲା, ଗ୍ରାମବାସୀ ବିଦ୍ୟୁତ୍ ସେବା ପାଇଥିଲେ । କିନ୍ତୁ ପୁଣିଥରେ ଉକ୍ତ ଟ୍ରାନ୍ସଫର୍ମର ପୋଡ଼ିଯାଇଛି । ଇତିମଧ୍ୟରେ ୨ ବର୍ଷ ହେଲାଣି ମରାମତି କିମ୍ବା ନୂତନ ଟ୍ରାନ୍ସଫର୍ମର ବସାଇବା ନେଇ କେହି ଗୁରୁତ୍ୱ ଦେଉନାହାନ୍ତି । ଯାହାଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବର୍ତ୍ତମାନ ବିଭାଗୀୟ ଅଧିକାରୀ ଅଧିକ ଟଙ୍କା ଦାବି କରୁଥିବା ମାଳାମ୍ବ ଗ୍ରାମବାସୀ ଅଭିଯୋଗ କରିଛନ୍ତି । କିନ୍ତୁ ଏତେ ଟଙ୍କା ଦେବା ପାଇ ଗ୍ରାମବାସୀ ସକ୍ଷମ ନ ଥିବା ଗ୍ରାମର ଲମ୍ବୋଦର ଝୋଡ଼ିଆଙ୍କ ସମେତ ଅନ୍ୟମାନେ ପ୍ରକାଶ କରିଛନ୍ତି । ଏଥିପ୍ରତି ଶୀଘ୍ର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



ଅଭିଯୋଗ କରୁଥିବା ଗ୍ରାମବାସୀ ।



ମନରେ କ୍ରୋଧ ଜାତ ହେଲା ମାତ୍ରକେ ପରିଣାମ କ'ଣ ହେବ ସେ ବିଷୟରେ ଚିନ୍ତାକର।
- କନ୍‌ଫୁସିୟସ



## ସଂକ୍ଷେପରେ

### ନାଲ୍‌କୋର ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି



ଦାମନଯୋଡ଼ି,୨୪।୧(ଡି.ଏନ୍.ଏ.): ନାଲ୍‌କୋ ଖଣି ଓ ପରିବହନ ପ୍ରକଳ୍ପ ତରଫରୁ ୭୦ତମ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେକ୍ଟର-୩ ନେତାଜୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ଅଭ୍ୟାସ ପରେଡ଼ରେ ଉପସ୍ଥିତ ରହି ନାଲ୍‌କୋ ଏଜିଏମ୍ ଏସ୍.ଏନ୍ ନାୟକ, ଅଧିକାରୀ ନିର୍ମଳ ରାଉତ, ରାଜେନ୍ଦ୍ର କୁମାର ଏବଂ ଗାନ୍ଧୀ ସାହୁଙ୍କ ସହିତ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସ୍ଏଫ୍)ର ଡେପୁଟି କମାଣ୍ଡାଣ୍ଟ ସୁଧୀର କୁମାର, ଆଶିଷ୍ଟାଣ୍ଟ କମାଣ୍ଡାଣ୍ଟ ପନସାରେ ଅଭିଷେକ ଓ ଧରମବୀର ଭାରତୀ ପ୍ରମୁଖ ତଦାରଖ କରିଥିଲେ। ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିର ଏବଂ ଦିଲ୍ଲୀ ପବ୍ଲିକ ସ୍କୁଲର ୪ଟି ଲେଖାଏ ଦଳ ସହିତ ସିଆଇଏସ୍ଏଫ୍‌ର ୩ଟି ଏବଂ ଇଏସ୍ଏସ୍ ସିକ୍ୟୁରିଟି କର୍ମୀଙ୍କ ଗୋଟିଏ ଏପରି ମୋଟ ୧୨ଟି ଦଳ ପରେଡ଼ରେ ଭାଗ ନେଇଥିଲେ। ୨୬ରେ ସାଧାରଣତନ୍ତ୍ର ପରେଡ଼ରେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରବିଶଙ୍କର ଦାସ ପତାକା ଉତ୍ତୋଳନ କରିବା କାର୍ଯ୍ୟକ୍ରମ ରହିଛି। ନାଲକୋ କମନଓ୍ୱେଲ୍‌ଥ କମିଟି ସଦସ୍ୟ ପି.କେ. ପ୍ରଧାନ, ଏସ୍ଆର୍ ମିଶ୍ର, ତନୁଜ ବେହେରା, ଡମ୍ବରୁଧର ମାଳି, ଡି ଧାରୁଆ, ଲୋକନାଥ କୁଲଦୀପ, ବିନୟ ଖରା, ଏସ୍‌କେ ପତି, ହରିଶ୍ଚନ୍ଦ୍ର ରାୟ, ଗଣେଶ ବାଘ, ଲକ୍ଷ୍ମଣ ଦେଉଳ ପଡ଼ିଆ, ସି ଲାକ୍ରା, ସଦା କୁଲଦୀପ ଏବଂ ରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମହାସମାବେଶ ପାଇଁ ଜିଲାରୁ ୧୪ଶହ ଚାଷୀଙ୍କ ପୁରୀ ଯାତ୍ରା



କୋରାପୁଟ,୨୪।୧(ସ୍ୱ.ପ୍ର.): ରାଜ୍ୟସ୍ତରୀୟ ଚାଷୀ ମହାସମାବେଶ ନିମନ୍ତେ କୋରାପୁଟ ଜିଲାର ୧୪ଟି ବ୍ଲକରୁ ୧୪ଶହ ଚାଷୀ ପ୍ରାୟ ୨୮ଟି ବସ୍ ଯୋଗେ ପୁରୀ ଯାତ୍ରା କରିଛନ୍ତି। ଗୁରୁବାର ସନ୍ଧ୍ୟାରେ କୋରାପୁଟସ୍ଥିତ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ବାହାରିଥିବା ବ୍ଲକ୍ ଅଞ୍ଚଳର ୧୦୦ ଜଣ ଚାଷୀଙ୍କ ଯାତ୍ରାକୁ ବ୍ଲକ୍ ଅଧକ୍ଷା ନମିତା ମାଝି ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ, କୋରାପୁଟ ବିଡିଓ ନରେନ୍ଦ୍ର ନାୟକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ, କୋରାପୁଟ କୃଷି ଅଧିକାରୀ ଅତିଥିଭାବେ ଉପସ୍ଥିତ ଥିଲେ। ଶୁକ୍ରବାର ଜିଲାର ଏହି ୧୪ଶହ ଚାଷୀ ପୁରୀର ଚାଷୀ ମହାସମାବେଶରେ ଯୋଗଦେବା ସହ ସେଠାରେ ମୁଖ୍ୟମନ୍ତ୍ରୀଙ୍କଠାରୁ କାଳିଆ ଯୋଜନାରେ ପ୍ରଥମ କିସ୍ତିଭାବେ ୫ ହଜାର ଟଙ୍କା ଲେଖାଏ ପାଇବେ ବୋଲି ବିଭାଗୀୟ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

### ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ



ଦଶମନ୍ତପୁର,୨୪।୧(ଡି.ଏନ୍.ଏ.): ଦଶମନ୍ତପୁର ବ୍ଲକ୍ କାର୍ଯ୍ୟାଳୟ ସଭାକକ୍ଷରେ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଏବିଡିଓ ରଞ୍ଜନୀକାନ୍ତ ଦାଶଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ୍ ଉପାଧକ୍ଷ ନାରାୟଣ ବିଷୋଇ, ଆର୍‌କେଏ ମହାବିଦ୍ୟାଳୟ ଅଧକ୍ଷ ତ୍ରିନାଥ ପାତିକା, ସହକାରୀଯନ୍ତ୍ରୀ ଦାଶରଥି ମୁର୍ମୁ, ବାଣୁଆଗୁଡ଼ା ବିଦ୍ୟାଳୟ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ଗରଡ଼ା, ସିଆର୍‌ସିସି କେ.ଟି.କେ. ମିଶ୍ର, କଂଗ୍ରେସ ବ୍ଲକ୍ ସଭାପତି ବେଣୁଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସକାଳ ୮.୪୫ ମିନିଟ୍‌ରୁ ୯ଟା ଭିତରେ ମୁଖ୍ୟଅତିଥି ସାଧାରଣତନ୍ତ୍ର ଦିବସ ପାଳନରେ ପତାକା ଉତ୍ତୋଳନ କରିବେ। ଦଳଗତ ପରେଡ଼ରେ ୧୧ଟି ଦଳ ଭାଗନେବେ। ପ୍ରତ୍ୟେକ ଅଧିକାରୀ ସୁଚାରୁରୂପେ ଦାୟିତ୍ୱ ତୁଲାଇବାକୁ ଏବିଡିଓ ପରାମର୍ଶ ଦେଇଛନ୍ତି।

■ ଧନୁର୍ଜୟଙ୍କ କୋଳରୁ ୩ ସନ୍ତାନଙ୍କୁ ଛଡ଼େଇ ନେଇଥିଲା ଜାପାନୀ ଜ୍ୱର

# ଏବେ ବି ଶୁଖୁନି ଲୁହ

■ ୩ ବର୍ଷ ବିତିବାକୁ ବସିଲାଣି ସହାୟତା ଦେବାକୁ ଭୁଲିଯାଇଛି ସ୍ୱାସ୍ଥ୍ୟ ବିଭାଗ
■ ଜନପ୍ରତିନିଧି ବି ପଦୁଟିଏ ପଚାରି ବୁଝିନାହାନ୍ତି

କୁନ୍ଦୁରା,୨୪।୧(ଡି.ଏନ୍.ଏ.)

ସେଦିନର ହୃଦୟବିଦାରକ ଘଟଣା ପାଇଁ ଆଜି ବି କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଭୂଷଣଙ୍ଗଗୁଡ଼ା ପଞ୍ଚାୟତ ଜମ୍ବୁଗୁଡ଼ାର ଧନୁର୍ଜୟ ହରିଜନଙ୍କ ପରିବାର ଆଖିରୁ ଲୁହ ଶୁଖିନି। ଜାପାନୀ ଏନ୍‌ସେଫାଲାଟିସ୍‌ରେ ୩ ସନ୍ତାନଙ୍କୁ ହରାଇ ଦୁଃଖରେ କାଳ କାଟୁଛନ୍ତି ଧନୁର୍ଜୟ। କିନ୍ତୁ ଘଟଣାକୁ ଦୀର୍ଘ ୩ ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ତାଙ୍କ ପରିବାରଙ୍କୁ କୌଣସି ସହାୟତା ମିଳିନାହିଁ। ସହାୟତା ଘୋଷଣା କରି ସ୍ୱାସ୍ଥ୍ୟ ବିଭାଗ ଉକ୍ତ ଘଟଣାକୁ ପାସୋରି ଯାଇଥିବା ମନେ ହେଉଛି। ଜନପ୍ରତିନିଧିମାନେ ମଧ ଘଟଣା ସମ୍ପର୍କରେ ପଚାରି ବୁଝିବାକୁ ଧନୁର୍ଜୟଙ୍କ ଘରେ କେବେ ପାଦ ପକାଇ ନାହାନ୍ତି। ସେପଟେ ୩ ସନ୍ତାନଙ୍କୁ ହରାଇଥିବା ଧନୁର୍ଜୟଙ୍କ ସ୍ତ୍ରୀ ରାଜ ହରିଜନଙ୍କ ଆଖିରୁ ଏବେବି ଲୁହ ଶୁଖୁନି। ଧନୁର୍ଜୟ ଝାଟିମାଟି କୁଡ଼ିଆରେ କାଳ ବିତାଉଛନ୍ତି। କେବେ ସହାୟତା ମିଳିବ ସେ ନେଇ ତାଙ୍କର ଆଶା ତୁଟି ଯାଇଥିବା କହିଛନ୍ତି ଧନୁର୍ଜୟ।



୩ ସନ୍ତାନକୁ ହରାଇଥିବା ଦମ୍ପତି।

ମୃତକମାନଙ୍କୁ ଜ୍ୱର ହୋଇଥିଲା କି କ'ଣ ତାଙ୍କୁ ଜଣାନାହିଁ। ରେକର୍ଡ ଦେଖିଲେ ଜଣାପଡ଼ିବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଲଳିତମୋହନ ରଥ କହିଛନ୍ତି। ଏଥିରୁ ସ୍ପଷ୍ଟ ବାରି ହେଉଛି ଯେ, ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ବିଭାଗର ଦରଦ କେତେ।

ପ୍ରଥମେ ଧନୁର୍ଜୟଙ୍କ ତୃତୀୟ କନ୍ୟା ରେବିକାଙ୍କୁ ଜ୍ୱର ହେବାରୁ ତାଙ୍କୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ନଭେମ୍ବର ୧୩, ୨୦୧୬ରେ ତାଙ୍କୁ ଡାକ୍ତର ଜି ଅରୁଣ କୁମାର ମୃତ ଘୋଷଣା କରିଥିଲେ। ସେହିଭଳି ଚିକିତ୍ସାଳୟରେ ଥିବା ଗୃତ ହରିଜନ ଏବଂ ରୂପାଲି ହରିଜନଙ୍କୁ ମଧ ଜ୍ୱର ହୋଇଥିଲା। କିନ୍ତୁ ଡାକ୍ତର ତାଙ୍କୁ କିଛି ହୋଇନାହିଁ କହି କୁନ୍ଦୁରା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ। ହେଲେ ଭାଗ୍ୟର ବିଡ଼ମ୍ବନା ଉଭୟଙ୍କର ନଭେମ୍ବର ୧୯, ୨୦୧୬ରେ ମୃତ୍ୟୁ ହୋଇଯାଇଥିଲା। ସେତେବେଳେ ସ୍ୱାସ୍ଥ ବିଭାଗ ମୃତକ ପରିବାର ପାଇଁ ଆର୍ଥିକ ସହାୟତା ଦେବାକୁ ଘୋଷଣା କରିଥିଲେ। କିନ୍ତୁ ଏବେ ପାସୋରି ଯାଇଛି। ଯଥାଶୀଘ୍ର ଧନୁର୍ଜୟ ପରିବାରକୁ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଅଞ୍ଚଳରେ ଦାବି ହୋଇଛି।

■ ନବନିର୍ମାଣ କୃଷକ ସଙ୍ଗଠନ କାର୍ଯ୍ୟକାରିଣୀ ବୈଠକ

## ଚାଷୀଙ୍କୁ ଭତ୍ତା, ଧାନ ଏମ୍ଏସ୍‌ପି ଦାବି

କୋରାପୁଟ,୨୪।୧(ସ୍ୱ.ପ୍ର.)

ନବନିର୍ମାଣ କୃଷକ ସଂଗଠନର କୋରାପୁଟ ଜିଲା ଶାଖା ପକ୍ଷରୁ ଗୁରୁବାର ସ୍ଥାନୀୟ ନିଶାଣିମୁଣ୍ଡାରେ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ସୁରକ୍ଷା ଭତ୍ତା ଭାବେ ମାସିକ ୫ ହଜାର ଟଙ୍କା, ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୫ ହଜାର ଟଙ୍କା କରିବା ସହ ବିଭିନ୍ନ ଦାବି ଉପରେ ଗୁରୁତ୍ୱାରୋପ କରିଛି ସଙ୍ଗଠନ। ଜିଲା ସଂଯୋଜକ ନରେନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତ ଓ ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ରବିନ୍ଦ୍ର ସାହୁ, ବିଚିତ୍ର ପଣ୍ଡା ଯୋଗ ଦେଇଥିଲେ। ସ୍ୱାଧୀନତାର ୭୨ ବର୍ଷ ପରେ ମଧ ସବୁ ଜିନିଷର ଏମ୍ଆରପି ମିଳୁଥିବା ବେଳେ ଚାଷୀ ନିଜର ଧାନ ଏମ୍ଏସ୍‌ପି ଦରରେ ବିକୁଛନ୍ତି। ଉପଯୁକ୍ତ ମୂଲ୍ୟ ନପାଇ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଉଛି ଚାଷୀ। ଚାଷୀଙ୍କୁ ଋଣ ଛାଡ, ସମସ୍ତ ଜିଲାରେ ଶୀତଳ ଭଣ୍ଡାର, ବ୍ୟାପକ ଜଳସେଚନ ବ୍ୟବସ୍ଥା, ମଣ୍ଡି ଭିତ୍ତିଭୂମିର ଉନ୍ନତି, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା, ତେଲେଙ୍ଗିରି ଜଳସେଚନ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକ୍ରମ ଓ କୋଲାବ ନଦୀରେ ଜଳସେଚନର ସୁପରିଚାଳନା ସହି କେନାଲ ଶେଷ ମୁଣ୍ଡରେ ପାଣି ପହଞ୍ଚିବା ଭଳି ଦାବି ରହିଥିଲା। ୬ ତାରିଖ ସୁଦ୍ଧା ଦାବି ପୂରଣ ନହେଲେ ଲକ୍ଷାଧିକ ଚାଷୀ ବିଧାନସଭା ଘେରାଉ କରିବା ସହ ଅର୍ଥନୈତିକ ଅବରୋଧ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି।

## ଭାଜପାର 'ଜବାବ ମାଗୁଛି ଆଦିବାସୀ ରଥ' ଶୁଭାରମ୍ଭ



ଜବାବ ମାଗୁଛି ଆଦିବାସୀ ରଥରକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ଅତିଥି।

ଜୟପୁର,୨୪।୧(ଡି.ଏନ୍.ଏ.)

କୋରାପୁଟ ଜିଲାର ୫ଟି ନିର୍ବାଚନ ମଣ୍ଡଳୀ ପାଇଁ 'ଜବାବ ମାଗୁଛି ଆଦିବାସୀ ରଥ'ର ଶୁଭାରମ୍ଭ କରିଛି ଭାଜପା। ଗୁରୁବାର ସନ୍ଧ୍ୟାରେ ଭାଜପା କାର୍ଯ୍ୟାଳୟରେ ମୁଖ୍ୟ ଅତିଥି ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି ପତାକା ଦେଖାଇ ୫ଟି ରଥର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଖବରଦାତା ସମ୍ମିଳନୀରେ ଭାଜପା କହିଥିଲା ଯେ, ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଆଦିବାସୀ ଶୋଷିତ ଓ ଅବହେଳିତ ଭାବେ ରହିଛନ୍ତି । କେନ୍ଦ୍ର ସରକାର ଆଦିବାସୀଙ୍କ ପାଇଁ ବିଭିନ୍ନ ଯୋଜନା ଲାଗୁ କରିଛନ୍ତି। କିନ୍ତୁ ଏହାକୁ କାର୍ଯ୍ୟକାରୀ କରିବାରେ ରାଜ୍ୟ ସରକାର ବିଫଳ ହେବା ସହ ମଞ୍ଜୁର ଅର୍ଥ ଶାସକ ଦଳର ନେତା ଏବଂ ସରକାରୀ ଅଧିକାରୀ ଆତ୍ମସାତ କରୁଛନ୍ତି । ଆସନ୍ତା ୩ରେ ପୁରୀରେ ବିରାଟ ଆଦିବାସୀ ରାଲି କରାଯାଉଛି । ଏଥିରେ ଭାଜପାର ରାଷ୍ଟ୍ରୀୟ ସଭାପତି ଅମିତ ଶାହ ଯୋଗ ଦେବେ। ଏହି ଅବସରରେ ଜାତୀୟ ଭାଜପା ଆଦିବାସୀ ମୋର୍ଚ୍ଚା ଉପସଭାପତି କାଳୀରାମ ମାଝି, ରାଜ୍ୟ ସାଧାରଣ ସଂପାଦକ ନିତ୍ୟାନନ୍ଦ ଗଣ୍ଡ, ରାଜ୍ୟ ସଂପାଦକ ଗୋପୀନାଥ ନାୟକ, ଜିଲା ସଭାପତି ନରେନ୍ଦ୍ର କାନ୍ଦୁଲିଆ ଉପସ୍ଥିତ ଥିଲେ ।

■ ଏସ୍‌ଡିସିର ଜିଲାସ୍ତରୀୟ ସଚେତନତା ଶିବିର

## ଅଢ଼େଇ କୋଟି ଟଙ୍କାର ପ୍ୟାକେଜ ଘୋଷଣା

ବୈପାରୀଗୁଡ଼ା,୨୪।୧(ଡି.ଏନ୍.ଏ)

ବୈପାରୀଗୁଡ଼ା ବ୍ଲକ୍ ଅନ୍ତର୍ଗତ ଶହୀଦ୍ ଲକ୍ଷ୍ମଣ ନାୟକ ଜନ୍ମମାଟି ତେନ୍ତୁଳିଗୁମ୍ମାଠାରେ କୋରାପୁଟ ଉନ୍ନୟନ ପରିଷଦ ପକ୍ଷରୁ ଆଦିବାସୀ କଳାସଂସ୍କୃତି ସମ୍ପର୍କିତ ଜିଲାସ୍ତରୀୟ ସଚେତନତା ଶିବିର ଉଦ୍‌ଘାଟିତ ହୋଇଛି।
ଏହି ଶିବିରରେ ଜିଲା ଆଦିବାସୀ ସଂଘ ସଭାପତି କମୁଲୁ ଜାନି, ପଟାଙ୍ଗି ବିଧାୟକ ପ୍ରଫୁଲ୍ଲ ପାଙ୍ଗି, କୋରାପୁଟ ଏମ୍‌ପି ଝିନ୍ନ ହିକ୍କ, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଈଶ୍ୱର ପାଣିଗ୍ରାହୀ,ବ୍ଲକ ଅଧକ୍ଷା ସରୋଜିନୀ କାଣ୍ଡିକି, ବ୍ଲକ୍ ଉପାଧକ୍ଷ ତଥା ସ୍ଥାନୀୟ ସମିତି ସଭ୍ୟ ତ୍ରିଲୋଚନ ଜେନା ,କୋରାପୁଟ ପିଆଇଟିଡିଏ କାରୁ ସୋରେନ୍, ଜୟପୁର ପିଏଆଇଟିଡିଏ ଜଗନ୍ନାଥ ସାରକା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍‌ର ୨୦ ପଞ୍ଚାୟତର ଆଦିବାସୀ କଳାକାରଙ୍କ ସମେତ ପ୍ରାୟ ଦେଢ଼ ହଜାର ଲୋକ ଉପସ୍ଥିତ ଥିଲେ। ଆଦିବାସୀ କଳାସଂସ୍କୃତିର ବିକାଶ ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବିଭିନ୍ନ ସମ୍ପ୍ରଦାୟର ଆଦିବାସୀ ମହିଳା ପୁରୁଷମାନଙ୍କୁ ପାରମ୍ପରିକ ବସ୍ତ୍ର ଓ ବାଦ୍ୟଯନ୍ତ୍ର ଉପକରଣ ପ୍ରଦାନ କରାଯାଇଛି। ତେନ୍ତୁଳିଗୁମ୍ମା ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାବଦକୁ ୨ କୋଟି ୫୬ ଲକ୍ଷ ଟଙ୍କାର ପ୍ୟାକେଜ୍ ଘୋଷଣା କରାଯାଇଛି। ୩୭ଟି ବିଜୁ ପକ୍କାଘର ମଞ୍ଜୁର କରାଯାଇଛି।

### ୩୭ ବିଜୁ ପକ୍କାଘର ମଞ୍ଜୁର





କାର୍ଯ୍ୟକ୍ରମରେ ଅତିଥିମାନେ ନାଚୁଛନ୍ତି।

## ଫାମ୍ପୁଣିରେ ୭ ପଶୁଙ୍କ ମୃତ୍ୟୁ ଘଟଣା ଭୁବନେଶ୍ୱର ଗଲା ନମୁନା

ଜୟପୁର/ଫାମ୍ପୁଣି, ୨୪।୧(ଡି.ଏନ.ଏ)

ଜୟପୁର ବ୍ଲକ୍ ଫାମ୍ପୁଣି ଗ୍ରାମରେ ବୁଧବାର ସନ୍ଧ୍ୟାରେ ଶ୍ୟାମସୁନ୍ଦର ରାଉତ ଓ ସୁଶାନ୍ତ ରାଉତଙ୍କ ୨ ଗାଇ ଏବଂ ୫ଟି ବାଛୁରୀଙ୍କ ହଠାତ୍ ମୃତ୍ୟୁ ନେଇ ତଦନ୍ତ ଆରମ୍ଭ ହୋଇଛି। ଗୁରୁବାର ପୂର୍ବାହ୍ନରେ ଜୟପୁରସ୍ଥିତ ପଶୁଧନ ଡାକ୍ତର ଲୀନା କାଲା ଘଟଣାସ୍ଥଳରେ ପହଞ୍ଚି ମୃତ ଗାଈ ଏବଂ ବାଛୁରୀମାନଙ୍କୁ କେଉଁ ଖାଦ୍ୟ ଦିଆଯାଇଥିଲା, ତାହାର ତଦନ୍ତ କରିଛନ୍ତି। ଉକ୍ତ ଖାଦ୍ୟ ନମୁନା ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ପରୀକ୍ଷାଗାରକୁ ପଠାଯାଇଥିବା ନେଇ ଡା କାଲା ପ୍ରକାଶ କରିଛନ୍ତି। ମୃତ ଗାଈଙ୍କ ବ୍ୟବଚ୍ଛେଦ ନିମନ୍ତେ ମାଲିକମାନେ ରାଜି ନ ହେବାରୁ ତାହା ହୋଇପାରିନାହିଁ । ଏହା ସହିତ ସେ ପଡ଼ୋଶୀଘର ପଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଛନ୍ତି। ପରେ ଜିଲା ମୁଖ୍ୟ ପଶୁଧନ ଅଧିକାରୀ ଡା. ସନ୍ତୋଷ ତ୍ରିପାଠୀଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଦଳ ମଧ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## ଡୁମୁରିପୁଟ ପାଠାଗାର ବାର୍ଷିକ ଉତ୍ସବ

କୋରାପୁଟ,୨୪।୧(ସ୍ୱ.ପ୍ର.)

କୋରାପୁଟ ବ୍ଲକ ପଦ୍ମପୁର ପଞ୍ଚାୟତ ଡୁମୁରିପୁଟ ସ୍ଥିତ ବୀର ସୁରେନ୍ଦ୍ର ସାଏ ପାଠାଗାରର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ପାଠାଗାର ସଭାପତି ଏମ୍. ସୁରେଶ କୁମାରଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ବିଡିଓ ନରେନ୍ଦ୍ର ନାୟକ ମୁଖ୍ୟ ଅତିଥି, ଆଲୋକ ଅନୁଗୁଳିଆ ସମ୍ମାନିତ ଅତିଥି ଯୋଗଦେଇ କହିଥିଲେ, ଗୁଗଲ ଦୁନିଆରେ ମଧ ଯୁବ ସମାଜ ପାଠାଗାର ଆବଶ୍ୟକତା ରଖିବ ସମାଜ ପାଇଁ ଶୁଭ ସଙ୍କେତ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସହକାରୀ ପ୍ରାଧ୍ୟାପକ ଡ. କପିଳ ଖେମୁଣ୍ଡୁ ଉପସ୍ଥିତ ଥିଲେ। ଡୁମୁରିପୁଟ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ ପ୍ରମୁଖ ଭୂମିକା ନେଇଥିବା ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ରାଜେନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପଦ୍ମପୁର ପଞ୍ଚାୟତର ୨୦୦ ଜଣ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ଦିଆଯାଇଥିଲା। ଉପସଭାପତି କର୍ପୂର ହନ୍ତାଳ ସ୍ୱାଗତ ଭାଷଣ ଓ ସଂପାଦକ ଜଗଦିଶ ଚନ୍ଦ୍ର ଖୋସ୍ଲା ବାର୍ଷିକ ବିବରଣୀ ପାଠ କରିଥିଲେ । କୋଷାଧକ୍ଷ ତ୍ରିପତି ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଉତ୍ସବରେ କାର୍ଯ୍ୟକାରୀ ସଦସ୍ୟ ଜିତେନ୍ଦ୍ର ସାହୁ, ସୁକାନ୍ତ ନାୟକ, ଧର୍ମେନ୍ଦ୍ର ବେହେରା, ସୁରଜିତ ବାଘ, ସନ୍ତୋଷ ଶତପଥୀ, ସୂର୍ଯ୍ୟ ନାରାୟଣ ସାହୁ, ମଧୁସୂଦନ ଖେମୁଣ୍ଡୁ, ସନ୍ତୋଷ ଦାଶ, ବସନ୍ତ ରାଓ, ଅରୁଣ ପାଳ, ପ୍ରମୋଦ ପଟ୍ଟନାୟକ, ପ୍ରଦୀପ ଗୌଡ଼ ସହଯୋଗ କରିଥିଲେ। ନାଟ୍ୟକାର ପ୍ରଦୀପ ମହାନ୍ତଙ୍କ ନାଟକ 'ଏଠି ସବୁ ମିଛ' ମଞ୍ଚସ୍ଥ ହୋଇଛି। ଦିଲ୍ଲୀପ ସାମନ୍ତରାୟ ଓ ସୁବୋଧ ଚେଟ୍ଟୀ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ସ ସମ୍ପାଦକ ବିଷ୍ଣୁ ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

## ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ

କୋରାପୁଟ,୨୪।୧(ସ୍ୱ.ପ୍ର.)

କୋରାପୁଟ ତହସିଲ ପକ୍ଷରୁ ଗୁରୁବାର ସରକାରୀ ଜମିରୁ ଜବରଦଖଲ ନିର୍ମାଣ ଉଚ୍ଛେଦ କରାଯାଇଛି। ସ୍ଥାନୀୟ ଏଲ୍ଆଇସି କଲୋନୀ ନିକଟସ୍ଥ ସରକାରୀ ଜମିରେ ବେଆଇନଭାବେ ନିର୍ମିତ ୪ରୁ ଉର୍ଦ୍ଧ୍ୱ ଗୃହ ଭଙ୍ଗାଯାଇଛି। ଘଟଣାସ୍ଥଳରେ କୋରାପୁଟ ତହସିଲଦାର (ପ୍ରୋବେଶନ) ଆଇଏଏସ୍ ଟି. ଏସ୍. ଦିବାକର ମାଜିଷ୍ଟ୍ରେଟଭାବେ ଉପସ୍ଥିତ ଥିବାବେଳେ ନେହେରୁ ମାଝି , ଅତିରିକ୍ତ ତହସିଲଦାର ସସ୍ମିତା ଜେନା, ଗୋଲଖ ପରିଡା, ଆର୍ଆଇ ଦେବାନନ୍ଦ ବେହେରା, ଦୁର୍ଯ୍ୟୋଧନ ନାୟକ, ଯୋଗେନ୍ଦ୍ର ରାଓ, ଗୁପ୍ତପ୍ରସାଦ କର ପ୍ରମୁଖ ଉପସ୍ଥିତ ଥିଲେ।

■ ଘରୋଇ ବସ୍ ମାଲିକ ସଂଘ ଦାବି ମାନିଲା ପ୍ରଶାସନ

## ଦିନରେ ଠପ୍, ରାତିରେ ବସ୍ ଗଡ଼ିଲା ପୁରୀ

ଜୟପୁର,୨୪।୧(ନି.ପ୍ର.)

ଜୟପୁର ଘରୋଇ ମାଲିକ ସଂଘ ପକ୍ଷରୁ ଗୁରୁବାର ବସ୍ ସେବା ଦିନ ତମାମ ବ୍ୟାହତ ହୋଇଛି। ଆରଟିଓ ଜିଲା ସଂଘକୁ ୩୫ଟି ବସ୍ ଦେବା ପାଇଁ ପ୍ରସ୍ତାବ ଦେଇଥିଲା। ୨୫ ତାରିଖ ପୁରୀରେ କାଳିଆ ଯୋଜନା ସମାବେଶକୁ ଚାଷୀଙ୍କୁ ନେବା ପାଇଁ ଏହି ବସ୍ ନିୟୋଜିତ ହେବ । ଗୋଟିଏ ବସ୍ ପିଛା ଦୈନିକ ୨୮ଶହ ଟଙ୍କା ଦେବା ପାଇଁ ପ୍ରଶାସନ ସ୍ଥିର କରିଥିଲା। ତେବେ ଏହି ଦରକୁ ସଂଘ ବିରୋଧ କରି ଗୁରୁବାର ବସ୍ ସେବା ବ୍ୟାହତ କରିଥିଲା। ଫଳରେ ଜୟପୁର-ମାଲକାନଗିରି, ଜୟପୁର-ଉମରକୋଟ ଭଳି ୮ଟି ବସ୍ ସେବା ବାଧାପ୍ରାପ୍ତ ହୋଇଥିଲା। କିଲୋମିଟର ପିଛା ୫୦ ଟଙ୍କା ଦେବା ପାଇଁ ସଂଘ ଦାବି କରିଥିଲା। ସଂଘ ସମ୍ପାଦକ ଦୁର୍ଗା ତ୍ରିପାଠୀଙ୍କ ସହ ବସ୍ ମାଲିକ ଦାବି ରଖି ବିକ୍ଷୋଭ ମଧ କରିଥିଲେ। ଫଳରେ ଏଡିଏମ୍‌ଙ୍କ ସହ କୋରାପୁଟରେ ବସ୍ ମାଲିକ ସଂଘର ବୈଠକ ବସିଥିଲା। ବସ୍ ମାଲିକ ଦାବିକୁ ମଧ ପ୍ରଶାସନ ଗ୍ରହଣ କରି ୧୪ଟି ବ୍ଲକ ବିଡିଓଙ୍କୁ ଉକ୍ତ ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ବିଷୟ ସମ୍ପାଦକ ତ୍ରିପାଠୀ ସୂଚନା ଦେଇଛନ୍ତି। ଫଳରେ ଜିଲାର ଚାଷୀଙ୍କୁ ଧରି ବସ୍‌ଗୁଡ଼ିକ ପୁରୀ ଯାତ୍ରା କରିଛନ୍ତି।

## ଜାତୀୟ କନ୍ୟା ସନ୍ତାନ ଦିବସ

ଦାମନଯୋଡ଼ି,୨୪।୧(ଡି.ଏନ୍.ଏ.)

ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜାତୀୟ କନ୍ୟା ସନ୍ତାନ ଦିବସ ପାଳିତ ହୋଇଛି। ଏହି ଅବସରରେ ସଚେତନତା ସଭା ଏବଂ ମାଥାଲପୁଟରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କନ୍ୟାଭ୍ରୁଣ ହତ୍ୟା ବିରୋଧରେ ସଚେତନତା ସହିତ ନବଜାତ ଶିଶୁର ଯତ୍ନ, ବିଭିନ୍ନ କ୍ଷେତ୍ରରେ କନ୍ୟା ସନ୍ତାନଙ୍କ ପ୍ରତି ସୃଷ୍ଟି ହେଉଥିବା ବୈଷମ୍ୟ ଦୂର ଏବଂ ସୁସ୍ଥ ଓ ନିରାପଦ ବାତାବରଣ ସୃଷ୍ଟି ପାଇଁ ସଚେତନତା କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବିଶ୍ୱ ରଞ୍ଜନ ଭୂୟାଁ, ପିଏଚ୍ଇଓ ମାଧବ ପାଙ୍ଗି, ଆୟୁଷ ମାର୍ଶାଲିନ ବିଶ୍ୱାଳ, ସୁପରଭାଇଜର ଗୌରୀ ଦେବୀ, ମକର ଜାନି, ସୀମାଞ୍ଚଳ ପରିଡ଼ା, କୈଳାସ ପରଜା ପ୍ରମୁଖ ଉପସ୍ଥିତ ଥିଲେ।



ବାହାରିଥିବା ସଚେତନତା ଶୋଭାଯାତ୍ରା।

## ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ ଆରମ୍ଭ

ଜୟପୁର,୨୪।୧(ନି.ପ୍ର.)

ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ ଯୋଜନା ଆରମ୍ଭ ହୋଇଛି। ଏସ୍‌ପି କନଓ୍ୱର ବିଶାଳ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ଜିଲାର ଗୋଟିଏ ବିଦ୍ୟାଳୟକୁ ବର୍ତ୍ତମାନ ଚୟନ କରାଯାଇଛି । ଏହାଦ୍ୱାରା ଛାତ୍ରୀଛାତ୍ର ଦାୟିତ୍ୱବାନ ନାଗରିକ ହୋଇ ବରିଷ୍ଠ ନାଗରିକଙ୍କୁ ସମ୍ମାନ, ଶୃଙ୍ଖଳା, ସାମାଜିକ ଦାୟିତ୍ୱବୋଧ ଶିଖିପାରିବେ ବୋଲି ଏସ୍‌ପି କହିଥିଲେ। ପ୍ରଥମେ ସରକାରୀ ବିଦ୍ୟାଳୟରେ ଆରମ୍ଭ ହେବା ପରେ ଅନ୍ୟ ବିଦ୍ୟାଳୟରେ ଏହି ଯୋଜନା ଲାଗୁ କରାଯିବ। ଛାତ୍ରୀଛାତ୍ରଙ୍କୁ ପରେଡ୍, ପିଇଟି, ଯୋଗ, ଟ୍ରାଫିକ ସିଗନାଲ ତାଲିମ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ସହ ପୋଲିସର କାର୍ଯ୍ୟଧାରା ସାମାଜିକ ନ୍ୟାୟ ଉପରେ ତାଲିମ ଦିଆଯିବ । ସପ୍ତାହରେ ୨ ଦିନ ଇନ୍‌ଡୋର ଏବଂ ଆଉଟଡୋର ତାଲିମ ଦିଆଯିବ। ୨୨ ଜଣ ଛାତ୍ର ଓ ୨୨ ଜଣ ଛାତ୍ରୀ ଏହି ଯୋଜନାରେ ସାମିଲ ହେବେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପ ଜିଲାପାଳ ଲୋକନାଥ ଦଳ ବେହେରା, ଏସ୍‌ଡିପିଓ ଟି.ଜେ. ରେଡ୍ଡି, ଡିଏସ୍‌ପି ଧୀରେନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଉନ ଥାନା ଅଧିକାରୀ ବାଲେଶ୍ୱର ଗିଧି, ସଦର ଥାନା ଅଧିକାରୀ କୈଳାସ ସେଠୀ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ୧୨ ତାରିଖ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଛି ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟିୟର ସ୍କିମ୍।





ଚୟନ ହୋଇଥିବା ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍‌ମାନେ।

## ସଂକ୍ଷେପରେ

### ବୃଦ୍ଧଙ୍କ ଆତ୍ମହତ୍ୟା

ଡାବୁଗାଁ,୨୪ା୧(ଡି.ଏନ.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଉମୁରାହାଣ୍ଡି ଗ୍ରାମର ବିଦେଶୀ ଭତ୍ରା (୪୮) ବେକରେ ଦଉଡି ଦେଇ ଗୁରୁବାର ଆତ୍ମହତ୍ୟା କରିଛନ୍ତି।

ଗତ ୨୨ ତାରିଖରେ ଉମୁରାହାଣ୍ଡି ଗ୍ରାମର ବିଦେଶୀ ଭତ୍ରା ନଦୀକୁ ଗାଧୋଇବା ପାଇଁ ଯାଉଛି କହି ଘରୁ ବାହାରକୁ ଯାଇଥିଲେ। ବହୁତ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ କିନ୍ତୁ ପାଇ ନ ଥିଲେ । ଗୁରୁବାର ଗ୍ରାମ ପାଖ କାଜୁ ଜଙ୍ଗଲକୁ ଗ୍ରାମର କିଛି ଲୋକ ଯାଇଥିବା ବେଳେ ଏକ ବରଗଛରେ ବିଦେଶୀ ଭତ୍ରା ଝୁଲୁଥିବାର ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ଲୋକମାନେ ଆସି ବିଦେଶୀଙ୍କ ପୁଅ ଗୋପବନ୍ଧୁଙ୍କୁ କହିଥିଲେ। ଗୋପବନ୍ଧୁ ଯାଇ ଦେଖିଥିଲେ ଯେ ତାଙ୍କ ବାପା ଆତ୍ମହତ୍ୟା କରିଛନ୍ତି। ଏନେଇ ଗୋପବନ୍ଧୁ ଡାବୁଗାଁ ଥାନାରେ ଏତଲା ଦେଇଥିଲେ । ଏଏସଆଇ ଗଣେଶ ଚନ୍ଦ୍ର ପଟ୍ଟନାୟକ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଥିଲେ । ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ଥାନାରେ ନଂ ୨/୧୯ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

### ଶିଶୁ କଲ୍ୟାଣ କମିଟି ପୁନର୍ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ

ନବରଙ୍ଗପୁର,୨୪ା୧(ବି.ପ୍ର.)- ନବରଙ୍ଗପୁର ଶିଶୁ କଲ୍ୟାଣ କମିଟି ପୁନଃ ଗଠନ ପାଇଁ ଯାଞ୍ଚ ପ୍ରକ୍ରିୟା ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଜଣେ ଅଧକ୍ଷ, ଜଣେ ମହିଳା ସଭ୍ୟା ଓ ୩ଟି ପୁରୁଷ ସଭ୍ୟପାଇଁ ୫୨ ଜଣ ଆବେଦନ କରିଥିଲେ । ୨୩ ତାରିଖ ଆବେଦନର ଶେଷ ଦିବସ ରହିଥିଲା । ଯାଞ୍ଚରେ ୩୨ ଜଣ ଉପସ୍ଥିତ ରହିଥିଲେ । ଯାଞ୍ଚ ପରେ ସମସ୍ତ ଆବେଦନ ପତ୍ର ଭୁବନେଶ୍ୱର ସ୍ଥିତ ରାଜ୍ୟ କାର୍ଯ୍ୟାଳୟକୁ ପଠାଯିବ । ସେଠାରେ ବ୍ୟକ୍ତିଗତ ସାକ୍ଷାତକାର ପରେ ଚୁଡାନ୍ତ ଚୟନ ତାଲିକା ପ୍ରକାଶ ପାଇବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ଡାବୁଗାଁରୁ ପୁରୀ ଗଲେ ୨୦୦ ଚାଷୀ

ଡାବୁଗାଁ,୨୪ା୧ (ଡି.ଏନ.ଏ.)- ପୁରୀ ଜିଲାର ତାଳବଣିଆ ଠାରେ ଶୁକ୍ରବାର ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ଅନୁଷ୍ଠିତ ହେଉଥିବା ଚାଷୀ ସମାବେଶ ପାଇଁ ଡାବୁଗାଁ ବ୍ଲକରୁ ୨୦୦ ଚାଷୀ ପୁରୀ ଅଭିମୁଖେ ଯାତ୍ରା କରିଛନ୍ତି। ବ୍ଲକ କାର୍ଯ୍ୟାଳୟ ଠାରୁ ୪ ଟି ବସ ଯୋଗେ ଚାଷୀମାନେ ଯାଇଛନ୍ତି । ଏଥିରେ ବିଡିଓ ଗୌରହରି ପାତ୍ର, ଏମପି ପ୍ରତିନିଧି ଏମ୍. ଆପ୍ପା ରାଓ ପତାକା ଦେଖାଇବା ପରେ ବସ ଗୁଡିକ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ଏହି ଚାଷୀମାନଙ୍କ ଯାତାୟାତ ସମ୍ପର୍କରେ ବୁଝିବା ପାଇଁ ଡାବୁଗାଁ ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ ଓ ଗ୍ରାମ୍ୟ କୃଷି କର୍ମଚାରୀ ସୁଶାନ୍ତ କୁମାର ରାଉତ ପ୍ରମୁଖ ଦାୟିତ୍ୱରେ ରହିଛନ୍ତି।

### ୪୩ ଲିଟର ମଦ ଜବତ



ନବରଙ୍ଗପୁର,୨୪ା୧(ବି.ପ୍ର.)- ନବରଙ୍ଗପୁର ଅବକାରୀ ଅଧିକ୍ଷକ ଡମ୍ବରୁ ଧର ଖାଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୪୩ ଲିଟର ଦେଶୀ ମଦ ଜବତ ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। କୋଷାଗୁଡା ବ୍ଲକର ନେଗାନାଲ ଗାଁର ରଘୁନାଥ ବିଷୋୟୀଙ୍କ ଠାରୁ ୧୫ ଲିଟର ଦେଶୀ ମଦ ଜବତ କରାଯାଇଛି । ସେହିଭଳି ବନସୁଲି ଗାଁର ରମେଶ ବିଷୋୟୀଙ୍କ ଠାରୁ ୧୪ ଲିଟର, ନବରଙ୍ଗପୁର ଥାନା ଅଧିନ କୁକୁଡାବାଇ ଗାଁର ଲବଜାନୀଙ୍କ ଠାରୁ ୭ ଲିଟର, କୁର୍ଲୁଘାଟି ଗାଁର ବାସୁଜାନୀଙ୍କ ଠାରୁ ୭ ଲିଟର ମଦ ଜବତ କରାଯାଇଛି । ଇନ୍ସପେକ୍ଟର ବିପ୍ର ଚରଣ ମଣ୍ଡଳ, ଏସଆଇ ବୃନ୍ଦାବନ ମଣ୍ଡଳ, ପ୍ରତ୍ୟୁଷ କଛପ, ମହେନ୍ଦ୍ର ଭତ୍ରା, ଉମେଶ ହରିଜନ, ଶ୍ରିକାନ୍ତ ବିଶୋୟୀ, ସଦା ଭତ୍ରା, ସୁଧାଂଶୁ ବାଘ ଓ ଅମିଅ ଖଞ୍ଜା ପ୍ରମୁଖ ଚଢାଉରେ ସାମିଲ ଥିଲେ ।

# ଜିଲାରେ ବଢୁଛି ଦାଦନ ଦୁଃଖ

■ସପରିବାର ସହ ଶ୍ରମିକ ଅନ୍ୟ ରାଜ୍ୟକୁ ଯାଉଛନ୍ତି
■ପିଲାମାନେ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି।

ନବରଙ୍ଗପୁର,୨୪ା୧(ଡି.ଏନ.ଏ.)

ଦିନକୁ ଦିନ ବଢି ଚାଲିଛି ଦାଦନ ସମସ୍ୟା। ଏହାକୁ ରୋକାଯାଇ ପାରୁ ନାହିଁ । କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା କରୁଛନ୍ତି। ଲୋକଙ୍କୁ କାମ ଯୋଗାଇ ଦେବା ପାଇଁ ଏମଜିଏନଆରଇଜିଏସ ଯୋଜନା ମଧ୍ୟ କରିଛନ୍ତି। ଲୋକଙ୍କ ସାମାଜିକ ଓ ଅଥର୍ନୈତିକ ବିକାଶ ପାଇଁ ବ୍ୟାପକ ଅର୍ଥ ଖର୍ଚ୍ଚ ହେଉଛି । କିନ୍ତୁ କାମଧନ୍ଦା ନପାଇଁ ନବରଙ୍ଗପୁର ଜିଲାରୁ ଦୈନିକ ଅନେକ ପରିବାର ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଉଛନ୍ତି । ଏଭଳି ଏକ ଦୃଶ୍ୟ ଗୁରୁବାର ସକାଳ ସାଢେ ୮ଟାରେ ନବରଙ୍ଗପୁର ସହରରେ ଦେଖିବାକୁ ମିଳିଛି।

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଅଧିନ କଂଗ୍ରା ଗାଁର ଜଗବନ୍ଧୁ ଜାନୀ ଓ ତାଙ୍କ ସ୍ତ୍ରୀ ଜାନକୀ ଜାନୀ, ୩ ପୁଅ ଓ ଜଗବନ୍ଧୁଙ୍କ ଶାଳକ ରବି ଜାନୀ ଆନ୍ଧ୍ର ପଦେଶ ବିଜୟନଗର ଜିଲା ନିଲୱାଡା ଗାଁକୁ ଦାଦନ ଖଟିବାକୁ ଗୁରୁବାର ଯାଇଛନ୍ତି । ସେଠାରେ ସେମାନେ ଏକ ପଥର ଖାଦାନରେ କାମ କରିବେ ବୋଲି କହିଛନ୍ତ । ପୂର୍ବରୁ ସେମାନେ ଥରେ ଉକ୍ତ ଖାଦାନରେ କାର୍ଯ୍ୟ କରି ଫେରିଥିଲେ । ସାହୁକାର ସେମାନଙ୍କ ୩ ହଜାରଟଙ୍କା ପ୍ରାପ୍ୟ ଏଯାଏ ଦେଇ ନାହାନ୍ତି । ସେଠାରେ କିଛି ଦିନ କାର୍ଯ୍ୟ କରିବା ସହ ବକେୟା ଟଙ୍କା ଆଣିବୁ ବୋଲି ସେମାନେ କହିଛନ୍ତି । ସେଠାରେ ଦୈନିକ ଗୋଟିଏ ଟ୍ରାକ୍ଟରରେ ପଥର ଲୋଡିଂ କଲେ ୪ ଶହ ଟଙ୍କା ମିଳୁଛି ବୋଲି ଜଗବନ୍ଧୁ କହିଛନ୍ତି । ଆବାସ ଯୋଜନାରେ ଘର ଖଣ୍ଡେ ମିଳିଛି । ତେବେ ଶ୍ରମିକ କାର୍ଡ ସେମାନଙ୍କ ପାଖରେ ନାହିଁ । ଗାଁ ମାନଙ୍କରେ କାମଧନ୍ଦା ମିଳୁନାହିଁ । ବର୍ଷା ଦିନ ଚାଷ ସମୟରେ ଯାହା ଦୈନିକ ମଜୁରି ମିଳୁଛି । ପଡିକାର୍ଡରେ ଯାହା ଚାଉଳ ମିଳୁଛି ତାହା ମାସିକ ବଞ୍ଚିବା କଷ୍ଟ ସାଧ ହୋଇ ପଡୁଛି ବୋଲି କହିଛନ୍ତି। ଜଗବନ୍ଧୁଙ୍କ ବଡପୁଅ ରହିତଙ୍କୁ ୬ ବର୍ଷ ହୋଇଥିବା ବେଳେ ଅନ୍ୟ ଦୁଇ ପୁଅଙ୍କ ବୟସ ୨ ବର୍ଷ ଓ ଏକ ବର୍ଷ । ସରକାରଙ୍କ ପକ୍ଷରୁ ମାଗଣା ଶିକ୍ଷା, ଅଙ୍ଗନୱାଡି କେନ୍ଦ୍ରର ପ୍ରାକ ବିଦ୍ୟାଳୟ ଓ ସୁଷମ ଖାଦ୍ୟ ଯୋଗାଇ ଦିଆଯାଉଛି । ପିଲାମାନଙ୍କୁ ସାଥୀରେ ଧରି ବାପା ମାଆ ରୋଜଗାର ଆଶାରେ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ଫଳରେ ପିଲାମାନେ ଶିକ୍ଷା ସହ ଏସବୁ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଜିଲାରେ ଶିକ୍ଷା ହାର ମଧ୍ୟ କମିବାରେ ଲାଗିଛି।

ଜିଲାରେ ଶ୍ରମ ବିଭାଗ ରହିଛି । ତେବେ ଶ୍ରମିକ ମାନେ ନିଜର ନାମ ପଞ୍ଜୀକରଣ କିଭଳି କରିବେ ତାହା ଗ୍ରାମାଞ୍ଚଳରେ ସଚେତନତା ସୃଷ୍ଟି କରାଯାଇ ନାହିଁ । ନିରକ୍ଷରତା ଦାଦନ ଦୁଃଖକୁ ରୋକି ପାରୁ ନାହିଁ। ପ୍ରକୃତରେ ଜିଲାରେ ଶ୍ରମିକଙ୍କୁ କିଭଳି କାମଧନ୍ଦା ଯୋଗାଇ ଦିଆଯିବ ଓ ଜିଲାରୁ ଶ୍ରମିକ କିଭଳି ଦାଦନ ଖଟିବାକୁ ଯିବେ ନାହିଁ ସେଥିପ୍ରତି ଉଦ୍ୟମ କରାନଯିବା ବିଡମ୍ବନାର ବିଷୟ । ପ୍ରକାଶ ଯେ, ଜିଲାରେ ଶିଶୁ ଶ୍ରମିକ ମାନଙ୍କୁ ଉଦ୍ଧାର କରାଯାଇ ଥଇଥାନ କରାଯିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯୋଜନା ରହିଥିଲା । ଏନେଇ ଜିଲାରେ ୪୦ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ବିଦ୍ୟାଳୟ ଖୋଲାଯାଇଥିଲା । ସେଠାରେ ପାଠ ପଢା ସହ ଧନ୍ଦାମୂଳକ ଶିକ୍ଷା ମଧ୍ୟ ପ୍ରଦାନ କରାଯାଉଥିଲା । ଏନେଇ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ମଧ ନିୟୋଜିତ କରାଯାଇଥିଲା । ଏହି ବିଦ୍ୟାଳୟ ଗୁଡିକ ଦୀର୍ଘ ବର୍ଷ ହେବ ବନ୍ଦ ହୋଇ ରହିଛି । ଶିକ୍ଷକମାନେ ମଧ୍ୟ ଚାକିରି ହରାଇ ଘରେ ବସିଛନ୍ତି । ଜିଲାରେ ୧୨ ବର୍ଷ ମଧ୍ୟରେ ୨୫ ହଜାର ଶିଶୁ ଶ୍ରମିକ ଚିହ୍ନଟ କରାଯାଇଥିବା ଜିଲା ଶ୍ରମ ବିଭାଗ ପକ୍ଷରୁ ସୂଚନା ମିଳିଛି । ୪ ବର୍ଷ ହେବ ଶିଶୁ ଶ୍ରମିକ ଚିହ୍ନଟ କରାଯିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଥିଲେ ମଧ ବିଭାଗୀୟ କର୍ମଚରୀ ମାନେ କାର୍ଯ୍ୟ ଆରମ୍ଭ କରି ନାହାନ୍ତି । ଏସମସ୍ତ ଘଟଣାକୁ ଦୃଷ୍ଟିରେ ନେଲେ ଜିଲାରେ ଦାଦନ ଶ୍ରମିକ ରୋକିବା ଓ ଶିଶୁ ଶ୍ରମିକ ଚିହ୍ନଟ ଏବଂ ଥଇଥାନ କିଭଳି ଚାଲିଛ ତାହା ସାଧାରଣରେ ଅନୁମେୟ ।



ଦାଦନ ଖଟିବାକୁ ଯିବା ପାଇଁ ପିଲାମାନଙ୍କ ସହ ବସ୍‌କୁ ଅପେକ୍ଷା କରିଥିବା ଜଗବନ୍ଧୁ ଜାନି ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି ।

ତେନ୍ତୁଲିଖୁଣ୍ଟି, ୨୪ା୧(ଡି.ଏନ.ଏ.)

ତେନ୍ତୁଲିଖୁଣ୍ଟି ବ୍ଲକ ଲକଡିପାଲସ୍ଥିତ ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବିଆରସିସି ନାରାୟଣ ପଣ୍ଡା ଯୋଗଦେଇ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ଦେବକୀ ନାୟକ ଯୋଗ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମୁସି ମାଝି ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷା, ଶିକ୍ଷକ ଓ ଛାତ୍ରୀଛାତ୍ର ଏକ ହେଲେ ହିଁ ଶିକ୍ଷାଦାନ ସରଳ ହୋଇପାରିବ । ସଂସାରୁ ଅନ୍ଧାର ଯାଇ ଆଲୋକ ଆସିପାରିବ ବୋଲି ମୁଖ୍ୟଅତିଥି କହିଥିଲେ। ବିଦ୍ୟାଳୟରେ ବାଳକ ଛାତ୍ରାବାସ ଖୋଲିବା ପାଇଁ ବାଳକୃଷ୍ଣ ଚୌଧୁରୀ ଦାବି କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶ୍ୱଜିତ ଦାସ, ଜମ୍ବୁବତୀ ନାଗ, ସୁଶାନ୍ତ ପାଣିଗ୍ରାହୀ, ଗୀତାଞ୍ଜଳି ନାହାକ, ଗୁପ୍ତେଶ୍ୱର ମାଳି, ଯଶୋଦା ହିଆଲଲ, ସୁସ୍ମିତା ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଦୁର୍ଘଟଣାରେ ୨ ଗୁରୁତର

ପାପଡାହାଣ୍ଡି, ୨୪ା୧(ଡି.ଏନ.ଏ) – ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଜାମ୍ବଗୁଡା ଛକରେ ଗୁରୁବାର ସନ୍ଧ୍ୟାରେ ଦୁର୍ଘଟଣାରେ ୨ ଜଣ ବାଇକ ଆରୋହୀ ଆହତ ହୋଇଛନ୍ତି। ଏଥିସହ ଗୋଟିଏ ଗୋରୁର ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି । ଚିକିଲିରୁ ଭୈରବ ପୂଜାରୀ ଓ ଅରୁଣ କୁମାର ନାୟକ ଏକ ବାଇକ ( ନଂ ଓଡି -୨୪-୮୫୫୦ )ରେ ଉମରକୋଟ ଫେରୁଥିବା ବେଳେ ଜାମ୍ବଗୁ ରାଜ୍ୟ ରାଜପଥରେ ଏକ ଗୋରୁକୁ ଧକ୍କା ଦେଇଥିଲେ । ଏଥିରେ ଭୈରବ ଓ ଅରୁଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ।

## ଜାତୀୟ ଶିଶୁ କନ୍ୟା ଦିବସ ପାଳିତ

ନବରଙ୍ଗପୁର,୨୪ା୧(ଡି.ଏନ.ଏ.)

ଜାତୀୟ ଶିଶୁ କନ୍ୟା ଦିବସ ଓ ଜିଲା ସ୍ତରୀୟ ଶିଶୁ କନ୍ୟା ମହୋତ୍ସବ ୨୦୧୯ ସ୍ଥାନୀୟ ମାଝିଗୁଡା ସ୍ଥିତ ପଣ୍ଡିତ ଦିନ ଦୟାଲ କନ୍ୟାଶ୍ରମ ଠାରେ ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ପାଳିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବେ ଜିଲା ଶିଶୁ କଲ୍ୟାଣ କମିଟିର ଅଧକ୍ଷ ବିଜୟ କୁମାର ଚୌଧୁରୀ ଓ ସମ୍ମାନିତ ଅତିଥି ଭାବେ ଶିଶୁ ସୁରକ୍ଷା ୟୁନିଟର କୁନିମଣି ସ୍ୱାଇଁ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ ଖେଳକୁଦ, ଝୋଟି, ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏଥିରେ ପଣ୍ଡିତ ଦିନ ଦାୟଲ କନ୍ୟାଶ୍ରମର ଅନ୍ତେବାସୀ ଛାତ୍ରୀମାନେ ଭାଗ ନେଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା ।



ଅନ୍ତେବାସୀମାନେ ଝୋଟି ପକାଉଛନ୍ତି ।

## ଡିଜେଲ ଟ୍ୟାଙ୍କର ଓଲଟିଲା, ୨ ଆହତ

ଜି.ଉଦୟଗିରି,୨୪ା୧(ଡି.ଏନ.ଏ.)

ଜି.ଉଦୟଗିରି ନିକଟସ୍ଥ ପଣସବାଙ୍କିଠାରେ ଗୁରୁବାର ଅପରାହ୍ଣରେ ଏକ ଡିଜେଲ ଟ୍ୟାଙ୍କର ଅଟୋକୁ ବଞ୍ଚାଇବାକୁ ଯାଇ ରାସ୍ତା କଡକୁ ଓଲଟି ପଡିଛି। ଏଥିରେ ଚାଳକ ଅକ୍ଷୟ ବେହେରା ଏବଂ ହେଲପର ପ୍ରଦୀପ ବେହେରା ଆହତ ହୋଇଛନ୍ତି। ସେମାନଙ୍କୁ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଟ୍ରକଟି ଜଟଣୀରୁ ରାୟଗଡା ଯାଉଥିବା ଚାଳକ କହିଛନ୍ତି। ଘଟଣାସ୍ଥଳରେ ଜି.ଉଦୟଗିରି ଦମକଳ ଗାଡି ପହଞ୍ଚି ନିଆଁ ଲାଗିଯିବା ଆଶଙ୍କା କରି ପାଣି ସ୍ପ୍ରେ କରିଥିଲା। ଡିଜେଲ ଟ୍ୟାଙ୍କର ଓଲଟିଥିବା ଦେଖି ଲୋକେ ଡିଜେଲ ବୋହିବାରେ ଲାଗିଥିଲେ। ଜି.ଉଦୟଗିରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ଘଉଡାଇବା ସହ ଗାଡି ଉଠାଇବା ବ୍ୟବସ୍ଥା କରିଥିବା ଥାନାଧିକାରୀ କହିଛନ୍ତି।

## ବିଜୁ ଯୁବ ବାହିନୀ ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ଚନ୍ଦାହାଣ୍ଡି,୨୪ା୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ବିଜୁ ଯୁବ ବାହିନୀ ପକ୍ଷରୁ ସରକାରୀ ପାନାବେଡ଼ା ହାଇସ୍କୁଲ ଖେଳପଡିଆଠାରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ବିଜୁ ଯୁବବାହିନୀର ସଦସ୍ୟମାନେ ଏକ ବିରାଟ ଶୋଭାଯାତ୍ରାରେ ସ୍ଥାନୀୟ ଠାକୁରାଣୀ ମନ୍ଦିରଠାରୁ କ୍ରୀଡ଼ା ମଶାଲ ଆଣି ବ୍ଲକ ଅଧକ୍ଷ ଟିକମସିଂ ନାୟକଙ୍କୁ ପ୍ରଦାନ କରି ମଶାଲ ସ୍ଥାପନା କରିଥିଲେ । ଏହାପରେ ବ୍ଲକ ଅଧକ୍ଷ କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଧୋଡିପାଣି, ଅନକାବେଡ଼ା, ଖଇରଭାଡି,ଗମ୍ଭାରୀଗୁଡା, ସରଧାପୁର, ଅନକାବେଡା, ଦେଓବନ୍ଧ, ହାଇସ୍କୁଲ ଏବଂ ସିନାପାଲି, ସନ୍ଧିମୁଣ୍ଡା, ମାଲଗୁରିଆପଡା ମଧ୍ୟ ଇଂରାଜୀ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ । ଛାତ୍ରୀଛାତ୍ରମାନଙ୍କୁ ନେଇ ଫୁଟବଲ, ଭଲିବଲ, ଦୌଡ଼, ସଟପୁଟ, ଲମ୍ଫଡିଆଁ ପ୍ରଭୃତି ଖେଳ ହୋଇଥିଲା । ଏହି କ୍ରୀଡ଼ାକୁ କ୍ରୀଡ଼ା ଶିକ୍ଷକ, ଦଇତାରି ସାହୁ, ଦିପାଂଶୁ କୁମାର କୁଣ୍ଡୁ, କୈବଲ୍ୟ ସାହୁ, ଚରଣ ନାୟକ, ମୁନ୍ନା ସମରଥ, ବଂଶୀଧର ସାହୁ, ତୁଳାରାମ ପାରୀ, ତାପସ ନାୟକ, ମୁନ୍ନା ସମରଥ, ବଂଶୀଧର ସାହୁ, ତୁଳାରମା ପାରୀ, ତାପସ ନାୟକ, ଯଶୋବନ୍ତ ଶବର, କୋକିଳ ଶତାଡିଆ ପ୍ରମୁଖ ପରିଚାଳନା କରିଥିଲେ । ଅଧ୍ୟାପକ ନଳିନୀ କୁମାର ଦାସ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ବିଜୁ ଯୁବ ବାହିନୀ ପକ୍ଷରୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ସମାଜ କଲ୍ୟାଣ ଅଧିକାରୀ ତୁଷାର ରଞ୍ଜନ ସାହୁ, ପୂର୍ବତନ ଉପାଧକ୍ଷ ଜଗନ୍ନାଥ ସିହ୍ନା, ସରପଞ୍ଚ ଲଛମନ ମାଝି, ସମିତି ସଭ୍ୟା ସନ୍ଧ୍ୟାରାଣୀ ନାୟକ, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ଗୋବିନ୍ଦ ମାଝି, ସଭାପତି ରତ୍ନାଳି ପୂଜାରୀ, ମନୋହର ସୁନା, ଶ୍ୟାମ ମାଝି, କାମିନୀ ରଞ୍ଜନ ପାଣ୍ଡେ, ଅରକ୍ଷିତ ଟୋଲଟିଆ, ଶ୍ୟାମସୁନ୍ଦର ସୁନାନୀ, ଶରତ ମାଝି, ଲୋଚନ ନାୟକ, ଗଙ୍ଗା ପୂଜାରୀ,ଲକ୍ଷ୍ମୀକାନ୍ତ ମହନହିରା, ଅନିଲ ଗୋପାଳ, ହେମନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ବ୍ଲକ ଅଧକ୍ଷ ପ୍ରତିଯୋଗିତାକୁ ଉଦଘାଟନ କରୁଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ବିଜେଡିର ବୈଠକ

ନବରଙ୍ଗପୁର,୨୪ା୧(ବି.ପ୍ର.)

ନବରଙ୍ଗପୁର ଜିଲାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗସ୍ତ କରିବାର କାର୍ଯ୍ୟକ୍ରମ ଥିବାରୁ ବିଜେଡି ପକ୍ଷରୁ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ଅନୁସୂଚିତ ଜାତି ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ, ପଞ୍ଚାୟତିରାଜ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝୀଙ୍କ ଉମରକୋଟ ସ୍ଥିତ ବାସଭବନ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇ ଥିଲା । ଫେବୃୟାରୀ ପ୍ରଥମ ସପ୍ତାହରେ ମୁଖ୍ୟମନ୍ତ୍ରୀ ନବରଙ୍ଗପୁର ଆସିବାର କାର୍ଯ୍ୟକ୍ରମ ରହିଛି ତେବେ ଦିନ ଧାର୍ଯ୍ୟ ହୋଇନାହିଁ । କାର୍ଯ୍ୟକ୍ରମରେ ୬୦ ହଜାରରୁ ଉର୍ଦ୍ଧ ଲୋକଙ୍କୁ ସମବେତ କରାଯିବ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି । ଏହି ବୈଠକରେ ଜିଲା ସଭାପତି ପ୍ରହ୍ଲାଦ ତ୍ରିପାଠୀ, ଜିଲା ସଂଯୋଜକ ପ୍ରମୋଦ ପାଢୀ, ଜିଲା ପରିଷଦ ଅଧକ୍ଷା ଭଗବତି ଭତ୍ରା, ସ୍ୱତନ୍ତ୍ର ବିକାଶ ପରିଷଦ ଉପସଭାପତି ମଂଜୁଳା ମାଝୀ, ନାରାୟଣ ପାତ୍ର, ଝାଡେଶ୍ୱର ମହାନ୍ତି, ଯୋଗେନ୍ଦ୍ର ସ୍ୱାଇଁ, ରବି ପଟ୍ଟନାୟକ, ଯୁବ ବିଜେଡି ସଭାପତି ଶିବାନନ୍ଦ ବିଷୋୟୀ ସମେତ ବ୍ଲକ ଓ ଜିଲାସ୍ତରୀୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

## ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତିଙ୍କ ଚାକିରିରୁ ଇସ୍ତଫା

ନବରଙ୍ଗପୁର,୨୪ା୧(ବି.ପ୍ର)

ଜିଲା ପୋଲିସ ହାବିଲଦାର ଓ କନେଷ୍ଟବଳ ସଂଘର ସଭାପତି ଗୌରୀଶଙ୍କର ମାଝୀ ଚାକିରୀରୁ ଇସ୍ତଫା ଦେଇଛନ୍ତି । ସେ ଦୀର୍ଘବର୍ଷଧରି ପୋଲିସ ବିଭାଗରେ କନେଷ୍ଟବଳ ଚାକିରୀ କରିବା ପରେ ଗତ ବର୍ଷ ସଂଘର ସଭାପତି ଦାୟିତ୍ୱରେ ଥିଲେ । ତେବେ ସେ ଅଚାନକ ଭାବେ ଚାକିରୀରୁ ଇସ୍ତଫା ଦେଇଛନ୍ତି। ସେ ଭାଜପାରେ ସାମିଲ ହେବେ ବୋଲି ଆଲୋଚନା ହେଉଛି । ଆସନ୍ତା ୨୮ ତାରିଖରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନବରଙ୍ଗପୁର ଗସ୍ତ ଅବସରରେ ସେ ଭାଜପାରେ ସାମିଲ ହେବେ । ଏଥିପାଇଁ ସେ ତାଙ୍କର ଶତାଧିକ ସମର୍ଥକମାନଙ୍କ ସହ ଦଳରେ ଯୋଗଦେବାକୁ ପ୍ରସ୍ତୁତ ଚଳାଇଛନ୍ତି । ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ହୋଇଥିବାରୁ ସେ ଆଗାମୀ ନିର୍ବାଚନରେ ଭାଜପାର ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଜୋର ଧରିଛି । ତାଙ୍କର ନିଜ ଗ୍ରାମ ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ମେଣ୍ଟ୍ରି ହୋଇଥିବାବେଳେ ସେ ବର୍ତ୍ତମାନ ନବରଙ୍ଗପୁର ସହରରେ ଘର କରି ରହୁଛନ୍ତି। ତାଙ୍କର ସ୍ୱର୍ଗତ ପିତା ଉର୍ଦ୍ଧବ ମାଝୀ ସମ୍ପୃକ୍ତ ଅଞ୍ଚଳରେ ଜଣେ ରାଜନେତା ଭାବେ ପରିଚିତ ଥିଲେ।

**ଭାଜପାରେ ମିଶିବା ନେଇ ଚର୍ଚ୍ଚା**

## ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ ଶୁଭାରମ୍ଭ

ତେନ୍ତୁଲିଖୁଣ୍ଟି, ୨୪ା୧(ଡି.ଏନ.ଏ.)

ନବରଙ୍ଗପୁର ଜିଲା ପୋଲିସ ବାହିନୀ ତରଫରୁ ତେନ୍ତୁଲିଖୁଣ୍ଟିସ୍ଥିତ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ କାର୍ଯ୍ୟକ୍ରମ ଗୁରୁବାର ଉଦଘାଟିତ ହୋଇଯାଇଛି।ଏଥିରେ ମୁଖ୍ୟଅତିଥି ଭାବେ ନବରଙ୍ଗପୁର ଜିଲା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ କୁମାର ମହାନ୍ତି , ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା ଦେବକୀ ନାୟକ, ପାପଡାହାଣ୍ଡି ଏସଡିପିଓ ବିକେ ନାୟକ, ତହସିଲଦାର ପ୍ରଦୀପ କର, ଆଇଆଇସି ତାରିକ ଅହମ୍ମଦ, ପୂର୍ବତନ ଏସଏମଡିସି ସଭାପତି ମଦନମୋହନ ସିଂ, ସରପଞ୍ଚ କୁମର ପୂଜାରୀ, ଏସଆଇ ପ୍ରଶାନ୍ତ କୁମାର ସେଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋପାଳ କୃଷ୍ଣ ନାୟକ, ଆରଆଇ ଦକ୍ଷିଣ ମାରିଣ୍ଡି, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆନୋନ ଭତ୍ରା ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟର ୩୦ଟି ଜିଲାରୁ ୩୦ଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୋଲିସ ତରଫରୁ ପୋଷାକ, ଟୋପି, ଟ୍ରାକସୁଟ୍ ଓ ଜୋତା ପ୍ରଦାନ କରାଯାଇ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟର ୩୮ ଜଣିଆ ଟିମ ପ୍ରତ୍ୟେକ ବିଦ୍ୟାଳୟରେ ଗଠନ କରାଯାଇଛି। ନବରଙ୍ଗପୁର ଜିଲାରେ ତେନ୍ତୁଲିଖୁଣ୍ଟି ବାପୁଜୀ ସହକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ କେନ୍ଦ୍ରଭାବେ ଗ୍ରହଣ କରାଯାଇଛି। ୩୮ଜଣ ଛାତ୍ରୀଛାତ୍ରଙ୍କୁ ତାଲିମ ଦିଆଯାଇ ଦେଶର ଜଣେ ଜଣେ ସିପାହୀ ଭାବେ କାର୍ଯ୍ୟ କରିବା ପାଇଁ ସଂଗଠିତ କରାଯିବ । ଏହି କାର୍ଯ୍ୟକ୍ରମରେ ପରିଚାଳନା ପିଇଟି ମନୋଜ ପୂଜାରୀ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର କର୍ମଚାରୀ ଶିକ୍ଷକ ତଥା କର୍ମଚାରୀ ସହଯୋଗ କରିଥିଲେ ।




ଅତିଥିମାନଙ୍କ ଗହଣରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟରେ ଯୋଗ ଦେଇଥିବା ପିଲାମାନେ ।

## ସବ୍‌ଡିଭିଜନାଲ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ

ଚନ୍ଦାହାଣ୍ଡି, ୨୪ା୧(ଡି.ଏନ.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟ ପରିସରରେ ଗୁରୁବାର ସବଡିଭିଜନାଲ ସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ବିଭାଗୀୟ ଏସଡିଓ ସତ୍ୟନାରାୟଣ ଅଗ୍ରୱାଲ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ସମ୍ମାନିତ ଅତିଥି ତହସିଲଦାର ହୃଦାନନ୍ଦ ସିଂମାଝି ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟରେ ପାଣିପଞ୍ଚାୟତ ମାଧ୍ୟମରେ ଜଳର ସୁପରିଚାଳନା କରାଯାଇ କୃଷିକ୍ଷେତ୍ରରେ ଉନ୍ନତି କରାଯାଇଥିବା ଏବଂ ଜଳର ସତ୍ ବିନିଯୋଗ କରିବା ପାଇଁ ଉପସ୍ଥିତ ଚାଷୀଙ୍କୁ ମୁଖ୍ୟଅତିଥି ବିଡିଓ ପରାମର୍ଶ ଦେଇଥିଲେ। ଆଗକୁ ଜଳସଙ୍କଟକୁ ଦୃଷ୍ଟିରେ ରଖି କମ ଜଳ ଉପଯୋଗ କରି ଚାଷ କରିବା ତଥା ସଅଳ କିସମ ଧାନ ଉତ୍ପାଦନ ସହ ବାଡିବଗିଚାରେ ବିଭିନ୍ନ ପନିପରିବା ଚାଷ କରି ଆତ୍ମନିର୍ଭରଶୀଳ ହେବା ପାଇଁ ତହସିଲଦାର ମାଝି କହିଥିଲେ। ଚାଷୀଙ୍କୁ କେନାଲ ମାଧ୍ୟମରେ ସଠିକ ଜଳ ପରିଚାଳନା କରିବା ପାଇଁ ଅଗ୍ରୱାଲ ବୁଝାଇ ଥିଲେ। କେନାଲଗୁଡିକୁ କଙ୍କ୍ରିଟ କରାଯିବ । ଯେପରି କେନାଲର ପାଣି କ୍ଷୟ ନ ହୋଇ ତଳମୁଣ୍ଡର ଚାଷୀ ଜଳ ପାଇପାରିବେ । ଚନ୍ଦାହାଣ୍ଡି ବ୍ଲକରେ ତିନିକୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଛିତୁକଘାଟ କ୍ଷୁଦ୍ରଜଳସେଚନ ପ୍ରକଳ୍ପର ଟେଣ୍ଡର କାର୍ଯ୍ୟ ସରିଯାଇଥିବା ସୂଚନା ଦେଇଥିଲେ। ଏହା ସହ ୨୭କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା କୁହୁଡି ଜଳସେଚନ ପ୍ରକଳ୍ପ ନାବାର୍ଡ ଯୋଜନାରେ ଅନୁମୋଦନ ହୋଇଥିବାବେଳେ ମାଲଗାଁ, ବଞ୍ଜାରୀ, ରାଜକୋଟ ଜଳସେଚନ ପ୍ରକଳ୍ପ ମଧ୍ୟ ମଞ୍ଜୁର ହୋଇ ଖୁବଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ସୂଚନା ଦେଇଥିଲେ। ସହକାରୀ ଯନ୍ତ୍ରୀ ବିଜୟକେତନ ସିଂ, କନିଷ୍ଠ ଯନ୍ତ୍ରୀ ସଞ୍ଜିତ କୁମାର ଖାଲକୋ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

